
୦୩ ମଇ ୨୦୨୬ ରବିବାର
ସମୟ ତରଙ୍ଗ
ପରମ୍ପରାରୁ
ପରିଚୟ





**ଭାରତର ସଂସ୍କୃତିଠାରୁ ଆରମ୍ଭ କରି ବେଶପୋଷାକ ସବୁ ନିଆରା । ଭାରତୀୟ ପାରମ୍ପରିକ ହସ୍ତତନ୍ତ ପୋଷାକର ଆଦର ସବୁଠି ଦେଖିବାକୁ ମିଳେ । ବର୍ତ୍ତମାନ ଭାରତୀୟ ହସ୍ତତନ୍ତ ବିଶ୍ୱର ବିଭିନ୍ନ ବଡ଼ବଡ଼ ଫ୍ୟାଶନ ଶୋ'ରେ ପ୍ରଦର୍ଶିତ ହେଉଥିବାର ଦେଖିବାକୁ ମିଳୁଛି ଯାହା ଏହାକୁ ଆହୁରି ପ୍ରସିଦ୍ଧ କରାଉଛି ।**

ଆଜିକାଲିର ବଦଳୁଥିବା ଫ୍ୟାଶନ ଦୁନିଆରେ 'ସ୍ଲୋ ଫ୍ୟାଶନ' ବା ସ୍ଥାୟୀ ପୋଷାକକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି କ୍ରମରେ ଭାରତର ହଜାର ହଜାର ବର୍ଷର ପୁରୁଣା ହସ୍ତତନ୍ତ କଳା ବିଶ୍ୱର ବଡ଼ ବଡ଼ ଲଗଜୁରୀ ବ୍ରାଣ୍ଡଗୁଡ଼ିକର ପ୍ରଥମ ପସନ୍ଦ ପାଲଟିଛି । କାରଣ ଏହା କେବଳ ଏକ କପଡ଼ା ନୁହେଁ, ବରଂ ଭାରତୀୟ ହସ୍ତତନ୍ତ ଏବେ ଏକ ବିଶ୍ୱସ୍ତରୀୟ ଷ୍ଟାଇଲ୍ ଷ୍ଟେଟମେଣ୍ଟରେ ପରିଣତ ହୋଇଛି । ନିକଟରେ ଅନୁଷ୍ଠିତ ବିଭିନ୍ନ ଆନ୍ତର୍ଜାତୀୟ ଫ୍ୟାଶନ ଶୋ'ମାନଙ୍କରେ ଭାରତୀୟ ବୁଣାକାରଙ୍କ କାରିଗରୀ ଦେଖିବାକୁ ମିଳୁଛି । ପ୍ୟାରିସ ବା ମିଲାନର ବଡ଼ ବଡ଼ ମଲ୍‌ରେ ବିକ୍ରି ହେଉଥିବା ମୂଲ୍ୟବାନ ପୋଷାକ ପଛରେ ଭାରତର କୌଣସି ଏକ ଗାଁର ବୁଣାକାରଙ୍କ ହାତର ଯାଦୁ ରହିଥିବା ଜଣାପଡୁଛି ।





ଯଦି ବୁଣାକାରଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ବଜାର ସୁବିଧା ଯୋଗାଇ ଦିଆଯାଏ, ତେବେ ଭାରତ ବିଶ୍ୱର 'ଟେକ୍ସଟାଇଲ ହବ୍' ଭାବେ ନିଜର ସ୍ଥାନ ଆହୁରି ମଜବୁତ କରିପାରିବ ।

## କିଭଳି ରହିଛି ହସ୍ତତନ୍ତ ବଜାର


ଭାରତର ହସ୍ତତନ୍ତ କଳାକାରମାନେ ସେମାନଙ୍କର ଅନନ୍ୟ ହାତ-କଟା ସୂତା, ବୁଣାକାରୀ ଏବଂ ଛାପା ଶୈଳୀ ପାଇଁ ବିଶ୍ୱବ୍ୟାପୀ ପରିଚିତ । ଏହି କଳାକାରମାନେ ଦେଶର ଛୋଟ ଛୋଟ ସହର ଏବଂ ଗ୍ରାମଗୁଡ଼ିକରେ ବସବାସ କରନ୍ତି, ଯେଉଁଠାରେ ଏହି ଦକ୍ଷତା ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ିକୁ ହସ୍ତାନ୍ତରିତ ହୋଇଥାଏ । ୨.୮ ନିୟୁତ ତନ୍ତ ସହିତ ହସ୍ତତନ୍ତ ଶିଳ୍ପ ହେଉଛି ଦେଶର ସବୁଠାରୁ ବଡ଼ କୁଟୀର ଶିଳ୍ପ। ଏହା ଗ୍ରାମାଞ୍ଚଳର ଦ୍ୱିତୀୟ ବୃହତ୍ତମ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର, ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରାୟ ୩.୫୨ ନିୟୁତ ଲୋକଙ୍କୁ ଜୀବିକା ଯୋଗାଇଥାଏ । ଭାରତରେ ପାରମ୍ପରିକ ଉତ୍ପାଦ ଯଥା ଶାଢ଼ୀ, କୁର୍ତ୍ତା, ଶାଲ୍, ଘାଗ୍ରା ଚୋଲି, ଲୁଙ୍ଗି ଏବଂ ଆଧୁନିକ ଉତ୍ପାଦ ଯଥା ପାଶ୍ଚାତ୍ୟ ପୋଷାକ, ବେଡ୍ ଲିନେନ୍ ଏବଂ ସଜାବଟ ସାମଗ୍ରୀ ଭଳି ଆହୁରି ଅନେକ ସାମଗ୍ରୀ ପ୍ରସ୍ତୁତ କରାଯାଏ ।୨୦୧୯-୨୦ ହସ୍ତତନ୍ତ ଜନଗଣନା ଅନୁଯାୟୀ, ଦେଶରେ ପ୍ରାୟ ୩୫.୨୨ ଲକ୍ଷ ହସ୍ତତନ୍ତ ଶ୍ରମିକ ନିୟୋଜିତ ଅଛନ୍ତି, ଯେଉଁଥିରୁ ୭୨.୨୯% (୨୫.୪୬ ଲକ୍ଷ) ହେଉଛନ୍ତି ମହିଳା । ଏହାସହ ବର୍ତ୍ତମାନ ଅନେକ ଯୁବପିଢି ମଧ୍ୟ ଏହି ବୃତ୍ତିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି ।

## ରପ୍ତାନି ଧାରା

ପ୍ରତିବର୍ଷ ଭାରତରୁ ଅନେକ ସାମଗ୍ରୀ ବିଦେଶକୁ ରପ୍ତାନି ହୋଇଥାଏ, କାରଣ ବିଦେଶରେ ଭାରତୀୟ ହସ୍ତତନ୍ତର ଅନେଦ ଚାହିଦା ରହିଛି । ରପ୍ତାନି ହେଉଥିବା ପ୍ରମୁଖ ସାମଗ୍ରୀଗୁଡ଼ିକ ମଧ୍ୟରେ ମ୍ୟାଟ୍, କାର୍ପେଟ୍, ବେଡ୍‌ସିଟ୍ ଏବଂ କୁସନ କଭର ଅନ୍ୟତମ । ଏକ ରିପୋର୍ଟ ଅନୁସାରେ ଆର୍ଥିକ ବର୍ଷ ୨୦୨୩ରେ ମ୍ୟାଟ୍ ରପ୍ତାନିର ଅଂଶ ମୋଟ ହସ୍ତତନ୍ତ ରପ୍ତାନିର ୧୨.୪୦% ଥିଲା। ସେହିଭଳି ହୋମ ଟେକ୍ସଟାଇଲ୍ସ ର ଅଂଶ ୬୦% ରୁ ଅଧିକ। ଆର୍ଥିକ ବର୍ଷ ୨୦୨୫ରେ କାର୍ପେଟ୍ ଏବଂ ଚଟାଣ ସାମଗ୍ରୀ

ସମ୍ବଲପୁରୀ ବାନ୍ଧ ହେଉ କିମ୍ବା ବାରାଣସୀର ଜରି କାମ, ଏହି କଳା ଏବେ ବିଶ୍ୱ ବଜାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଭାରତୀୟ ହସ୍ତତନ୍ତ ଏକ ଜଟିଳ ଜ୍ୟାମିତିକ ଗଣନା ଉପରେ ଆଧାରିତ। ବିଶେଷ କରି ଓଡ଼ିଶାର 'ଇକତ' ବା 'ବାନ୍ଧ' କଳାରେ ସୂତାକୁ ବୁଣିବା ପୂର୍ବରୁ ଯେଉଁଭଳି ଭାବେ ରଙ୍ଗ କରାଯାଏ, ତାହା ବିଶ୍ୱର ବଡ଼ ବଡ଼ ଡିଜାଇନରଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ମୁସଲିନର ହାଲୁକା ପଣ ଏବଂ ପେଠାନୀ ବା କାଞ୍ଚିଭରମର ସୂକ୍ଷ୍ମ କାମ କୌଣସି ମେସିନ ଦ୍ୱାରା ପ୍ରସ୍ତୁତ କରିବା ଅସମ୍ଭବ। ସେହିଭଳି ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏକ ବଡ଼ ସମସ୍ୟା ପାଲଟିଛି । ହେଲେ ହସ୍ତତନ୍ତ ଶିଳ୍ପରେ ବିଦ୍ୟୁତର ବ୍ୟବହାର ହୁଏ ନାହିଁ ଏବଂ ଏଥିରେ ବ୍ୟବହୃତ ଅଧିକାଂଶ ରଙ୍ଗ ପ୍ରାକୃତିକ ଉତ୍ସରୁ ମିଳିଥାଏ । ଏହି କାରଣରୁ ପାଶ୍ଚାତ୍ୟ ଦେଶର ଗ୍ରାହକମାନେ ଏବେ କେମିକାଲ ଯୁକ୍ତ ମେସିନ କପଡ଼ା ଛାଡ଼ି ଭାରତୀୟ ହସ୍ତତନ୍ତ ଆଡ଼କୁ ଆକର୍ଷିତ ହେଉଛନ୍ତି । ଯାହା ପରିବେଶ ପାଇଁ ମଧ୍ୟ ଲାଭ ଦାୟକ ସାବସ୍ତ୍ୟ ହେଉଛି । ଏତେ ଚାହିଦା ସତ୍ତ୍ୱେ ବୁଣାକାରମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାୱାରଲୁମର ଶସ୍ତା କପଡ଼ା ଏବଂ ମଧ୍ୟସ୍ଥିଙ୍କ ପ୍ରାଦୁର୍ଭାବ ଯୋଗୁଁ ପ୍ରକୃତ କାରିଗର ଉଚିତ ମୂଲ୍ୟ ପାଉନାହାଁନ୍ତି । ତଥାପି, ସୋସିଆଲ ମିଡିଆ ଏବଂ ଇ-କମର୍ସ ପ୍ଲାଟଫର୍ମ ଯୋଗୁଁ ଏବେ ବୁଣାକାରମାନେ ସିଧାସଳଖ ବିଶ୍ୱ ବଜାର ସହ ଯୋଡ଼ି ହେବା ଆରମ୍ଭ କଲେଣି । ତେବେ ଭାରତୀୟ ହସ୍ତତନ୍ତ କେବଳ ଅତୀତର ଗୌରବ ନୁହେଁ, ଏହା ହେଉଛି ଭବିଷ୍ୟତର ଫ୍ୟାଶନ।









ମୂଲ୍ୟ ୧.୬୩ ବିଲିୟନ ଆମେରିକୀୟ ଡଲାର ଥିଲା । ଭାରତୀୟ ସିଲ୍କ ସ୍କାର୍ଫ ମଧ୍ୟ ବିଶ୍ୱରେ ଖୁବ୍ ଲୋକପ୍ରିୟ । କରୁର, ପାନିପଥ, ବାରାଣସୀ ଏବଂ କନ୍ନୁର ହେଉଛି ପ୍ରମୁଖ ରପ୍ତାନି କେନ୍ଦ୍ର । ଭାରତ ବିଶ୍ୱର ୨୦ରୁ ଅଧିକ ଦେଶକୁ ହସ୍ତତନ୍ତ ସାମଗ୍ରୀ ରପ୍ତାନି କରିଥାଏ । ପ୍ରମୁଖ ଆମଦାନୀକାରୀ ଦେଶଗୁଡ଼ିକ ହେଲା ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ନେଦରଲ୍ୟାଣ୍ଡ, ଫ୍ରାନ୍ସ, ବ୍ରିଟେନ, ଇଟାଲୀ, ଜର୍ମାନୀ ଏବଂ ଅଷ୍ଟ୍ରେଲିଆ । ଗତ ଆଠ ବର୍ଷ ଧରି ଆମେରିକା ଶୀର୍ଷ ସ୍ଥାନରେ ରହିଛି । ଆର୍ଥିକ ବର୍ଷ ୨୦୨୫ରେ ଭାରତର ମୋଟ ହସ୍ତତନ୍ତ ରପ୍ତାନିରେ ଆମେରିକାର ଅଂଶ ୨୮.୧% ଏବଂ ୟୁଏଇର ଅଂଶ ୧୫.୨% ଥିଲାବୋଲି ସୂଚନା ରହିଛି ।

ସେହିଭଳି ଓଡ଼ିଶାର କଳା ଓ ସଂସ୍କୃତିର ପ୍ରତୀକ ହେଉଛି ହସ୍ତତନ୍ତ । କେବଳ ଓଡ଼ିଶାନୁହେଁ ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ଅନେକ ଯୋଜନା ରହିଛି ଯାହା ହସ୍ତତନ୍ତକୁ ଏକ ନୂଆ ସ୍ତରକୁ ନେଉଛି । ବୁଣାକାରମାନଙ୍କର ଆର୍ଥିକ ବିକାଶ ଏବଂ ଏହି ପାରମ୍ପରିକ ଶିଳ୍ପକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି ବୁଣାକାରଙ୍କ ଜୀବନଧାରଣର ମାନ ବୃଦ୍ଧି କରିବା ଏବଂ ଓଡ଼ିଶାର ଶାଢ଼ୀ, କପଡ଼ା ତଥା ହସ୍ତତନ୍ତ ସାମଗ୍ରୀକୁ ବିଶ୍ୱ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବା ।

## ରାଜ୍ୟରାଜ୍ୟରେ ସ୍ୱତନ୍ତ୍ର

ଭାରତ ଏକ ସାଂସ୍କୃତିକ ବିବିଧତାର ଦେଶ, ଯେଉଁଠି ପ୍ରତିଟି ରାଜ୍ୟର ନିଜସ୍ୱ ହସ୍ତତନ୍ତ ପରମ୍ପରା ରହିଛି । ଭାରତୀୟ ବୁଣାକାରମାନଙ୍କର ଏହି ନିଖୁଣ କଳା କେବଳ ଦେଶରେ ନୁହେଁ, ବରଂ ସାରା ବିଶ୍ୱରେ ଆଦୃତ । ପ୍ରତିଟି ରାଜ୍ୟରେ ବିଭିନ୍ନ ପ୍ରକାରର ହସ୍ତତନ୍ତ ରହିଛି ଯାହା ଏହାର ପରମ୍ପରାର ସ୍ୱତନ୍ତ୍ର ପରିଚୟ ବହନ କରିଥାଏ ।

## ୟୁପିର ଚିକନକାରୀ

ଉତ୍ତର ପ୍ରଦେଶ ହେଉଛି ଭାରତର ସବୁଠାରୁ ପୁରାତନ ହସ୍ତତନ୍ତ କେନ୍ଦ୍ର । ବାରାଣସୀର ବନାରସୀ ପାଟ ଶାଢ଼ୀରେ ସୁନା ଓ ରୂପା ଜରିର କାମ ହୋଇଥାଏ । ଏହା ବିଳାସପୂର୍ଣ୍ଣ ଏବଂ ବିବାହ ପରି ଶୁଭ କାର୍ଯ୍ୟ ପାଇଁ ସର୍ବୋତ୍ତମ । ସେହିପରି ଆଉ ଗୋଟିଏ ହେଲା ଲକ୍ଷ୍ନୌର ଚିକନକାରୀ । ଏହି ସୂକ୍ଷ୍ମ



ହାତ କାମ କପା କିମ୍ବା ମସଲିନ୍ କପଡ଼ା ଉପରେ କରାଯାଏ, ଯାହା ଅତ୍ୟନ୍ତ ଆରାମଦାୟକ ଓ ସୁନ୍ଦର ହୋଇଥାଏ ।

## ପଶ୍ଚିମବଙ୍ଗ : ଜାମଦାନୀ ଓ ତାନ୍ତ

ବଙ୍ଗଳାର ହସ୍ତତନ୍ତ ଶିଳ୍ପ ଏହାର ସୂକ୍ଷ୍ମତା ପାଇଁ ଜଣାଶୁଣା । ଏଠାରେ ମିଳୁଥିବା ଜାମଦାନୀ ଶାଢୀ ଏକ ପାରସ୍ୟ ଶୈଳୀର ବୁଣାକାରୀ । ଏଥିରେ ମସଲିନ୍ କପଡ଼ା ଉପରେ କାରୁକାର୍ଯ୍ୟ କରାଯାଏ । ଆଉ ଏକ ଶାଢୀ ହେଲା ତାନ୍ତ ଯାହା ବଙ୍ଗଳାର ସବୁଠାରୁ ଲୋକପ୍ରିୟ ସୂତା ସାଢ଼ୀ । ଏହାର ବର୍ଡର ଚଉଡ଼ା ଏବଂ କପଡ଼ା ଖୁବ୍ ହାଲୁକା ହୋଇଥାଏ । ଯାହା ପିନ୍ଧିବାକୁ ଖୁବ ସହଜ ଓ ଆରାମ ଦାୟକ ହୋଇଥାଏ, ତେଣୁ ସମସ୍ତେ ଏହାକୁ ପସନ୍ଦ କରିଥାଆନ୍ତି ।









## ଏମ୍‌ପିର ଚାନ୍ଦେରୀ ଓ ମାହେଶ୍ୱରୀ

ମଧ୍ୟପ୍ରଦେଶର ଚାନ୍ଦେରୀ ଶାଢୀକୁ 'ଉଡ଼ନ୍ତା ପବନ' ମଧ୍ୟ କୁହାଯାଏ କାରଣ ଏହା ଖୁବ ହାଲୁକା । ଏହାର ସୂକ୍ଷ୍ମ ସୂତା ଓ ରେଶମର ମିଶ୍ରଣ ଏବଂ ପାରମ୍ପରିକ ସୁନା ଜରିର ଡିଜାଇନ୍ ଏହାକୁ ସ୍ୱତନ୍ତ୍ର କରିଥାଏ । ସେହିଭଳି ମାହେଶ୍ୱରୀ ଶାଢ଼ୀର ବର୍ଡରରେ ଉଭୟ ପାର୍ଶ୍ୱରେ ସମାନ ଡିଜାଇନ୍ ଥାଏ ଏବଂ ଏହାର ଚମକ ଦୀର୍ଘସ୍ଥାୟୀ। ତେଣୁ ଏହା ସମସ୍ତଙ୍କର ପ୍ରଥମ ପସନ୍ଦ ହୋଇଥାଏ ।

## ତାମିଲନାଡୁ : କାଞ୍ଜିଭରମ୍

ଦକ୍ଷିଣ ଭାରତର ସବୁଠାରୁ ପ୍ରସିଦ୍ଧ ପାଟ ସାଢ଼ୀ ହେଉଛି କାଞ୍ଜିଭରମ୍। ଏଥିରେ ବ୍ୟବହୃତ ରେଶମ ଓ ଜରି ଖୁବ୍ ଗୁଣାତ୍ମକ। ଶାଢୀରେ ମନ୍ଦିରର ଶିଖର, ପକ୍ଷୀ ଓ ମାଇଥୋଲୋଜିକାଲ୍ ଚରିତ୍ରର ଡିଜାଇନ୍ ଦେଖିବାକୁ ମିଳେ।

## ଗୁଜରାଟ: ପାଟୋଲା ଓ ବାନ୍ଧନୀ

ପାଟୋଲା ଏହା ଏକ ଦାମୀ ଡବଲ୍ ଇକାତ୍ ଶାଢ଼ୀ। ଏହାର ବୁଣା ଏତେ ନିଖୁଣ ଯେ ଏହାକୁ ଉଭୟ ପାର୍ଶ୍ୱରୁ ପିନ୍ଧିହେବ,ଯାହା ଏହି ଶାଢୀକୁ ସ୍ୱତନ୍ତ୍ର କରିଥାଏ । ସେହିଭଳି ଆଉ ଏକ ଶାଢୀ ହେଲା ବାନ୍ଧନୀ ଯାହାକୁ ବାନ୍ଧିବା ପରେ ରଙ୍ଗ କରାଯିବା ପଦ୍ଧତିରେ ପ୍ରସ୍ତୁତ କରାଯାଇଥାଏ । ଏହି ରଙ୍ଗୀନ ବସ୍ତ୍ର ଗୁଜରାଟର ଉତ୍ସବର ପ୍ରତୀକଭାବେ ବ୍ୟବହାର କରାଯାଇଥାଏ ।

## ଆସାମ: ମୁଗା ସିଲ୍କ

ଆସାମର 'ମୁଗା ସିଲ୍କ'କୁ ବିଶ୍ୱର ଦାମୀ ସିଲ୍କ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଇଥାଏ । ଏହାର ପ୍ରାକୃତିକ ସୁନେଲି ରଙ୍ଗ ରହିଥାଏ । ଯାହାକୁ ଯେତେ ଅଧିକ ଧୋଇଲେ ଏହାର ଚମକ ଆହୁରି ବଢ଼ିଥାଏବୋଲି ସୂଚନା ରହିଛି । ଏଥିରେ ପ୍ରସ୍ତୁତ 'ମେଖଲା ଚାଦର' ଆସାମୀ ସଂସ୍କୃତିର ପରିଚୟ।

## ତେଲେଙ୍ଗାନା: ପୋଚମ୍ପଲ୍ଲୀ

ପୋଚମ୍ପଲ୍ଲୀର ଜ୍ୟାମିତିକ ଇକାତ୍ ଡିଜାଇନ୍ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିଛି। ଏହି ଡିଜାଇନକୁ ସାରା ବିଶ୍ୱରେ ଆଦର ମିଳିଥାଏ। ଏଥିରୁ ପ୍ରସ୍ତୁତ ପୋଷାକର ଚାହିଦା ସବୁ ସ୍ଥାନରେ ଦେଖିବାକୁ ମିଳିଥାଏ ।

## ବିଶ୍ୱ ଦରବାରରେ ହସ୍ତତନ୍ତ

ଓଡ଼ିଶାର ସମ୍ବଲପୁରୀ, ବୋମକାଇ ଏବଂ ଖଣ୍ଡୁଆ ପରି ହସ୍ତତନ୍ତ ସାମଗ୍ରୀକୁ ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ନୂତନ ପରିଚୟ ମିଳିଛି। ଏହା ପଛରେ ରହିଛି କିଛି ଦକ୍ଷ ଡିଜାଇନର ଓ ମାଷ୍ଟର ବୁଣାକାରଙ୍କ ଅକ୍ଲାନ୍ତ ପରିଶ୍ରମ । ସେମାନେ ଅନେକ ପରିଶ୍ରମ କରି ଓଡ଼ିଶାର ହସ୍ତତନ୍ତକୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରିପ୍ରେଜେଣ୍ଟ କରୁଥିବା ଦେଖିବାକୁ ମିଳୁଛି । ଏହି ତାଲିକାରେ ଅନେକ ସାମିଲ ଥିବାବେଳେ ସେଥିରୁ କିଛି ଡିଜାଇନରଙ୍କ ସମ୍ପର୍କରେ ।

## ସୁଜିତ ମେହେର

ବେଙ୍ଗାଲୁରୁ ଭିତ୍ତିକ ଓଡ଼ିଆ ଡିଜାଇନର ସୁଜିତ ମେହେର ଓଡ଼ିଶାର ପାରମ୍ପରିକ ବସ୍ତ୍ରକୁ ଆଧୁନିକ ଫ୍ୟାସନ ସହ ଯୋଡ଼ିବାରେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ। ଓଡ଼ିଶାର ହସ୍ତତନ୍ତକୁ ଆନ୍ତର୍ଜାତୀୟ ପ୍ରତିଷ୍ଠା ଦେବାରେ ତାଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ସେ କଳାହାଣ୍ଡିର ବିଲୁପ୍ତପ୍ରାୟ 'ହାବାସପୁରୀ' ହସ୍ତତନ୍ତର ପୁନରୁଦ୍ଧାର କରି ଏହାକୁ ବିଦେଶୀ ବଜାରରେ ଲୋକପ୍ରିୟ କରାଇଛନ୍ତି । ଗ୍ରାମୀଣ ବୁଣାକାରଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦକୁ ଗ୍ଲୋବାଲ୍ ବ୍ରାଣ୍ଡରେ ପରିଣତ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଏହି କାର୍ଯ୍ୟ ପାଇଁ ତାଙ୍କୁ ଅନେକ ପ୍ରଶଂସା ପ୍ରତିଟି ସମୟରେ ମିଳିଥାଏ ।

## ରିମଲି ମହାନ୍ତି

ଭୁବନେଶ୍ୱରର ଜଣାଶୁଣା ଡିଜାଇନର ରିମଲି ମହାନ୍ତି ନିଜର ସ୍ୱତନ୍ତ୍ର ଶୈଳୀ ପାଇଁ ବେଶ୍ ପରିଚିତ । ତାଙ୍କର ସଂଗ୍ରହ ନିଲା ଏ ଏଜୁର ଟାର୍ମ ଆନ୍ତର୍ଜାତୀୟ ପ୍ଲାଟଫର୍ମରେ ଓଡ଼ିଶାର ହସ୍ତତନ୍ତ ପରମ୍ପରାକୁ ପ୍ରଦର୍ଶିତ କରି ବେଶ୍ ପ୍ରଶଂସା ସାଉଁଟିଛି । ସେ ପାରମ୍ପରିକ ବୁଣାକାରୀ କୌଶଳକୁ ସମସାମୟିକ ଡିଜାଇନ୍ ସହ ମିଶାଇ ନୂତନ ପିଢ଼ି ପାଇଁ ଆକର୍ଷଣୀୟ ପୋଷାକ ପ୍ରସ୍ତୁତ କରୁଛନ୍ତି। ଯାହାକୁ ଯୁବପିଢି ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି। ତାଙ୍କର ଡିଜାଇନ ଗୁଡିକ ଖୁବ ୟୁନିକ ହୋଇଥାଏ ଯାହା ପରମ୍ପରା ସହିତ ଆଧୁନିକତାକୁ ଖୁବ ସୁନ୍ଦର ଭାବେ ମିଶ୍ରଣ କରିଥାଏ ।

## ସୁକାନ୍ତି ମେହେର

ସୁକାନ୍ତି ମେହେର ଓଡ଼ିଶାର ଜଣେ ଗର୍ବ ଓ ଗୌରବ। ତାଙ୍କର ନିଆରା କାର୍ଯ୍ୟପାଇଁ ତାଙ୍କୁ ଜାତୀୟ ପୁରସ୍କାର ମଧ୍ୟ ପ୍ରଦାନ




ସୁଜିତ ମେହେର



ଗୁଞ୍ଜନ ଜୈନ



ସୁକାନ୍ତି ମେହେର



ରିମ୍ପି ମହାନ୍ତି



କରାଯାଇଛି । ସମ୍ବଲପୁରୀ ବସ୍ତ୍ରର ଜଟିଳ ଏବଂ ସୂକ୍ଷ୍ମ ବୁଣାକାରୀ କାମରେ ସେ ସିଦ୍ଧହସ୍ତ । ନିଜର ନିଖୁଣ କାରୁକାର୍ଯ୍ୟ ଜରିଆରେ ସେ ଓଡ଼ିଶାର ସଂସ୍କୃତିକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇଛନ୍ତି ।

## ଗୁଞ୍ଜନ ଜୈନ

ଦିଲ୍ଲୀର ଡିଜାଇନର ଗୁଞ୍ଜନ ଜୈନ ଓଡ଼ିଶାର ହସ୍ତତନ୍ତ ଉପରେ ବହୁ ଗବେଷଣା କରିଛନ୍ତି । ତାଙ୍କର ସଂସ୍ଥା 'ବୃକ୍ଷ' ମୁଖ୍ୟତଃ ବୋମକାଇ ଏବଂ ସମ୍ବଲପୁରୀ ବସ୍ତ୍ରର ମୂଳ ଶୈଳୀକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରେ । ତାଙ୍କ କାର୍ଯ୍ୟପାଇଁ ତାଙ୍କୁ ୟୁନେସ୍କୋ ପରି ଆନ୍ତର୍ଜାତୀୟ ସଂସ୍ଥା ଦ୍ୱାରା ସେ ସମ୍ମାନିତ କରାଯାଇଛି । ଯାହା ଓଡ଼ିଶାର ବୟନଶିଳ୍ପ ପାଇଁ ଏକ ବଡ଼ ସଫଳତା। ତାଙ୍କର କାର୍ଯ୍ୟ ସବୁବେଳେ ଦେଶ ଓ ରାଜ୍ୟର ସଂସ୍କୃତିକୁ ବଞ୍ଚାଇ ରଖିବା ।

## ରହିଛି ବିଭିନ୍ନ ପ୍ରକାର

ଓଡ଼ିଶାର ହସ୍ତତନ୍ତ କେବଳ ଏକ ବସ୍ତ୍ର ନୁହେଁ, ଏହା ହେଉଛି ଆମର ପରିଚୟ ଏବଂ ହଜାର ହଜାର ବର୍ଷର କଳାତ୍ମକ ପରମ୍ପରାର ମୂକସାକ୍ଷୀ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଏହି ହସ୍ତତନ୍ତ ସାମଗ୍ରୀଗୁଡ଼ିକର ରଙ୍ଗ, ବୁଣାଶୈଳୀ ଏବଂ ଡିଜାଇନରେ ଅନେକ ବିବିଧତା ଦେଖିବାକୁ ମିଳେ। ଓଡ଼ିଶାର ପ୍ରତିଟି ଅଞ୍ଚଳରେ ଏକ ଭିନ୍ନ ଶୈଳୀର ହସ୍ତତନ୍ତ ଦେଖିବାକୁ ମିଳେ।

## ସମ୍ବଲପୁରୀ ବାନ୍ଧ

ପଶ୍ଚିମ ଓଡ଼ିଶାର ଏହି କଳା ବିଶ୍ୱବ୍ୟାପୀ ପ୍ରସିଦ୍ଧ। ଏହାର ଶାଢ଼ି ପିନ୍ଧିବାକୁ ସମସ୍ତଙ୍କ ଭିତରେ ଦେଖିବାକୁ ମିଳେ ପ୍ରବଳ ଆଗ୍ରହ । ଏହାକୁ 'ଇକାତ୍' ବା 'ବାନ୍ଧ' କଳା କୁହାଯାଏ। ବୁଣା ହେବା ପୂର୍ବରୁ ସୂତାକୁ ବାନ୍ଧି ରଙ୍ଗ କରାଯାଇ ସୁନ୍ଦର ଡିଜାଇନ ପ୍ରସ୍ତୁତ କରାଯାଏ। ଏଥିରେ ଶଙ୍ଖ, ଚକ୍ର, ଫୁଲ ଏବଂ ମାଛ ପରି ମୋଟିଫ୍ ଦେଖିବାକୁ ମିଳେ। ଏହା ସୂତା ଏବଂ ରେଶମ ଉଭୟରେ ଉପଲବ୍ଧ।

## ବୋମକାଇ ସାଢ଼ୀ

ଗଞ୍ଜାମ ଜିଲ୍ଲାର ବୋମକାଇ ଗ୍ରାମରୁ ଆରମ୍ଭ ହୋଇଥିବା ଏହି କଳା ପରବର୍ତ୍ତୀ ସମୟରେ ସୋନପୁର ଅଞ୍ଚଳରେ ବେଶ୍ ପରିଚିତ ହେଲା। ଏହାର ଆଞ୍ଚଳ ବା ପାଲିରେ ଅତି ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥାଏ ଯାହା ଏହାର ସୌନ୍ଦର୍ଯ୍ୟକୁ ଆହୁରି ବଢାଇଥାଏ । ଏଥିରେ ପ୍ରାୟତଃ ବୈଷ୍ଣବ ପରମ୍ପରା ଓ ମନ୍ଦିରର ଚିତ୍ର ଦେଖିବାକୁ ମିଳେ। ଏହା ପ୍ରାୟତଃ ପୂଜାପର୍ବ ଓ ବିବାହ ପରି ଶୁଭ କାର୍ଯ୍ୟରେ ବ୍ୟବହୃତ ହୁଏ।

## ଖଣ୍ଡୁଆ ପାଟ

କଟକ ଜିଲ୍ଲାର ମଣିଆବନ୍ଧ ଓ ନୂଆପାଟଣା ଏହି ପାଟ ସାଢ଼ୀ ପାଇଁ ପ୍ରସିଦ୍ଧ। ଏହି ବସ୍ତ୍ର ସହ ଜଗନ୍ନାଥ ସଂସ୍କୃତି ଜଡ଼ିତ। ମହାପ୍ରଭୁଙ୍କ ପାଇଁ ପ୍ରସ୍ତୁତ ହେଉଥିବା ଖଣ୍ଡୁଆରେ 'ଗୀତ ଗୋବିନ୍ଦ'ର ଶ୍ଳୋକ ବୁଣା ହୋଇଥାଏ। ପାରମ୍ପରିକ ଭାବେ ଏହା ନାଲି, ହଳଦିଆ ଓ ନୀଳ ରଙ୍ଗରେ ତିଆରି ହୁଏ। ଏହାର ରଙ୍ଗ ଓ ଡିଜାଇନ ଖୁବ ସୁନ୍ଦର ଏବଂ ମନଲୋଭା ହୋଇଥାଏ ।

## ବ୍ରହ୍ମପୁରୀ ପାଟ

ଏହା 'ସିଲ୍କ ସିଟି' ବ୍ରହ୍ମପୁରର ଏକ ଅନନ୍ୟ ଉତ୍ପାଦ ଏବଂ ଏହାକୁ ଜିଆଇ ମାନ୍ୟତା ମଧ୍ୟ ମିଳିଛି । ଏହାର ଏକ ବିଶେଷତ୍ୱ ହେଉଛି 'ଯୋଡ଼ା' । ମହିଳାଙ୍କ ପାଇଁ ଶାଢ଼ୀ ଓ ପୁରୁଷଙ୍କ ପାଇଁ ସେହି ସମାନ ଡିଜାଇନର ଧୋତି ଓ ଚାଦର ପ୍ରସ୍ତୁତ କରାଯାଏ । ଏହାର ବର୍ଡରରେ 'ଫୋଡ଼ା କୁମ୍ଭ' ବା ମନ୍ଦିର ଡିଜାଇନ୍ ରହିଥାଏ ଯାହା ଏହାକୁ ଏକ ୟୁନିକ ଡିଜାଇନ ପ୍ରଦାନ କରିଥାଏ ।

## କୋଟପାଡ଼ ହସ୍ତତନ୍ତ

କୋରାପୁଟ ଜିଲ୍ଲାର କୋଟପାଡ଼ର ବସ୍ତ୍ର ଏହାର ପ୍ରାକୃତିକ ରଙ୍ଗ ପାଇଁ ସାରା ବିଶ୍ୱରେ ସ୍ୱତନ୍ତ୍ର । ଏଥିରେ 'ଆଲ୍' ଗଛର ଚେରରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହୃତ ହୁଏ, ଯାହା ପରିବେଶ ଅନୁକୂଳ। ଏହି ରଙ୍ଗ କାରଣରୁ ଏହି ଶାଢୀଟି ବେଶ ସ୍ୱତନ୍ତ୍ର ପାଲଟିଯାଇଥାଏ। ସେହିଭଳି ଏହା ଏକ ପ୍ରକାର ମୋଟା ସୂତା କପଡ଼ା, ଯାହା ଶୀତରେ ଗରମ ଏବଂ ଖରାରେ ଶୀତଳ ଅନୁଭବ ଦିଏ। ତେଣୁ ଏହାକୁ କିଣିବାକୁ ଲୋକଙ୍କର ଚାହିଦା ଖୁବ ଅଧିକ ରହିଥାଏ ।

## ହାବାସପୁରୀ

କଳାହାଣ୍ଡି ଜିଲ୍ଲାର ଏହି ହସ୍ତତନ୍ତ କଳା ଆଜି ବିଲୁପ୍ତପ୍ରାୟ ହୋଇଥିଲେ ବି ଡିଜାଇନରଙ୍କ ପ୍ରୟୋଗ ଯୋଗୁଁ ପୁଣି ଜୀବନ୍ତ ହୋଇଛି। ଏଥିରେ ମୁଖ୍ୟତଃ ମନ୍ଦିର, କୁମ୍ଭ ଏବଂ କଇଁଛ ପରି ସ୍ଥାନୀୟ ଜନଜାତିଙ୍କ କଳାକୁ ପ୍ରଦର୍ଶିତ କରାଯାଏ। ଯାହା ଏହାକୁ ଖୁବ ସୁନ୍ଦର ଓ ସ୍ୱତନ୍ତ୍ର କରିଥାଏ । ବର୍ତ୍ତମାନ ଏହା ଧୀରେଧୀରେ ବିଲୁପ୍ତ ହେବାରେ ଲାଗିଛି ।

## ଅନ୍ୟାନ୍ୟ ସାମଗ୍ରୀ

ତେବେ ହସ୍ତତନ୍ତ କହିଲେ କେବଳ ଶାଢ଼ୀ ନୁହେଁ, ଓଡ଼ିଶାରେ ଅନେକ ପ୍ରକାରର ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ ହୁଏ । ଏହି ତାଲିକାରେ ବିଭିନ୍ନ ଅଞ୍ଚଳର ପାରମ୍ପରିକ ସୂତା ଗାମୁଛା, ସମ୍ବଲପୁରୀ ଓ ଖଣ୍ଡୁଆ କପଡ଼ାରେ ପ୍ରସ୍ତୁତ ଆଧୁନିକ ପୋଷାକ ଯେପରି କୁର୍ତ୍ତା ସାମିଲ ରହିଛି । ଏହାସହ ପର୍ଦ୍ଦା ଓ ବେଡ୍-ସିଟ୍ ମଧ୍ୟ ଏହି ତାଲିକାରେ ସାମିଲ । ପଶ୍ଚିମ ଓଡ଼ିଶାର ସୂତା ବୁଣା ଘରକରଣା ସାମଗ୍ରୀମଧ୍ୟ ହସ୍ତତନ୍ତର ଏକ ଅନନ୍ୟ ଉଦାହରଣ। ଓଡ଼ିଶାର ହସ୍ତତନ୍ତ କେବଳ ଏକ ବ୍ୟବସାୟ ନୁହେଁ, ଏହା ହେଉଛି ରାଜ୍ୟର ଅସ୍ମିତା । ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଆମକୁ ଏହି ସାମଗ୍ରୀଗୁଡ଼ିକର ଅଧିକ ବ୍ୟବହାର କରିବା ଉଚିତ । ଏହାଦ୍ୱାରା ଏହାର ପ୍ରଚାର ପ୍ରସାର ହୋଇପାରିବ ।






# ମୃଣାଳ

www.mrinalch-
-atterjee.com

## ଅକ୍ଷୟ ତୃତୀୟାରେ



ଅକ୍ଷୟ ତୃତୀୟାରେ ନେତାମନ୍ତ୍ରୀଙ୍କୁ ବିଲରେ ହଳ କରୁଥିବାର ଦେଖି ମୋ ଆଖିରେ ଲୁହ ଆସିଯାଏ । ଏପ୍ରିଲର ଟାଣ ଖରାରେ ହଳ କରିବା କ'ଣ କମ କଷ୍ଟ ! ଏସି-ଅଭ୍ୟସ୍ତ ଦେହକୁ କେତେ ବାଧା ହେଉ ନ ଥିବ ! ଆଉ ହଳ କାନ୍ଧେଇଥିବା ବଳଦ କେଡ଼େ ବଦମାସ ଦେଖନ୍ତୁ - ଶଳେ ମୁରୁକି ମୁରୁକି ହସୁଛନ୍ତି ! ମନେ ମନେ କହୁଛନ୍ତି - କେତେ ଡ୍ରାମା କରୁଛ ବେ !

## ଭଗବାନ କାହାର ?

ଉହଡହ ଖରାରେ ଲମ୍ବା ଧାଡ଼ିରେ ଘଣ୍ଟାଘଣ୍ଟା ଧରି ଠିଆ ହୋଇଥିବା ଭକ୍ତଭାବେ ଭଗବାନ ସମସ୍ତଙ୍କର । ଆଉ ସେତିକିବେଳେ ପୁରୋହିତ ଆଉ ଦେହରକ୍ଷୀ ପରିବୃତ ଭିଆଇପି ତୁରନ୍ତ ମନ୍ଦିରର ଗର୍ଭଗୃହକୁ ଚାଲିଯାଇ ପ୍ରମାଣ କରିଦିଅନ୍ତି ଯେ, ଭଗବାନ କେବଳ କିଛି ଖାସ ଲୋକମାନଙ୍କର ।

## ଭୀମସେନର ଦୁଃଖ

ଅଧା ଜୀବନ କଟିଯାଏ ପାଠ ପଢି, ପରୀକ୍ଷା ଦେଇ ସାର୍ଟିଫିକେଟ ଆଣୁ ଆଣୁ , ଆଉ ବାକି ଜୀବନ ବିତୁଛି ସାର୍ଟିଫିକେଟର ଫଟୋ କପି କରାଉ କରାଉ ।

# ବାହାଘର ଭିଡିଓ

ଏବକାର ବାହାଘର ଅନୁଷ୍ଠାନରେ ନୀତିକାନ୍ତିରୁ କିଛି ପଛେ ରହିଯାଉ - ଫଟୋ, ଭିଡିଓ ଖୁବ ଉଠା ହୁଏ । ବାହାଘରେ ଆତ୍ମୀୟ ସ୍ୱଜନଙ୍କ ସଂଖ୍ୟାଠୁ ଫଟୋଗ୍ରାଫର ଭିଡିଓଗ୍ରାଫରଙ୍କ ସଂଖ୍ୟା ଅଧିକ । ଏବକୁ ପୁଣି ସେ ତାଲିକାରେ ଯୋଗ ହୋଇଛନ୍ତି ଡ୍ରୋନ ଅପରେଟରମାନେ । ସେମାନେ ଛୋଟ ହେଲିକପ୍ଟର ଭଳି ଯନ୍ତ୍ର ଉଡ଼େଇ ଉପରୁ ବାହାଘର ଫଟୋ ନିଅନ୍ତି । ତେବେ ଏବେକାର ବାହାଘର ଭିଡିଓଗୁଡ଼ାକ ଦେଖିଲେ ସତ କହୁଛି ମଧ୍ୟ-ଷାଠିଏ ବୟସରେ ବି ମୋର ଆଉଥରେ ବାହା ହେବାକୁ ଇଛା ହୁଏ । ମୋର ତ ମନେ ହୁଏ ବର୍ତ୍ତମାନ ସମାଜରେ ବିବାହ ବିଛେଦର ହାର ବଢ଼ିବାର ଅନ୍ୟତମ ମୁଖ୍ୟ କାରଣ ହୋଇଥିବ - ବାହାଘର ଭିଡିଓ । ଲୋକେ ଏମିତି ଚଳଚ୍ଚିତ୍ର ଶୈଳୀରେ ବାରମ୍ବାର ବାହା ହେବାକୁ ଚାହାଁନ୍ତି । ଆଜିକାଲିର ବର କନ୍ୟା ଯେମିତି ଏକଦମ ବଲିଉଡ ହିରୋ ହିରୋଇନ ଭଳି ଦିଶନ୍ତି । ସେମିତି ବେଶପଟା, ସେମିତି ଷ୍ଟାଇଲ । ବର କନ୍ୟା କୁଆଡ଼େ କୁଆଡ଼େ ଯାଇ ରୋମାନ୍ସ କରୁଥିବାର ଏମିତି ଦୃଶ୍ୟ ସବୁ ବାହାଘର ଭିଡିଓରେ ରହୁଛି - ମନ ପୂରା ଏବେକା ଭାଷାରେ କହିଲେ 'ଗାର୍ଡେନ ଗାର୍ଡେନ' ହୋଇ ଯାଉଛି । ଏହାକୁ 'ପ୍ରି-ୱେଡିଙ୍ଗ ସୁଟ' ବୋଲି କହୁଛନ୍ତି । କିଛି କିଛି ବାହାଘରେ ବାହାଘର ମଣ୍ଡପରେ ବଡ଼ ପରଦାରେ ଏ ଫଟୋ ଓ ଭିଡିଓଗୁଡ଼ିକ ପ୍ରଦର୍ଶିତ ବି ହୁଏ । ଆମ ବେଳେ (ମୁଁ ୮୦ ଦଶକ ଆରମ୍ଭରୁ ୯୦ ଦଶକର କଥା କହୁଛି) ଭିଡିଓ ନୂଆ ନୂଆ ଆସିଥାଏ । ଭିଡିଓ ଉଠେଇଲାବାଲା ବି ନୂଆ । ତେଣୁ ବାହାଘର ଭିଡିଓଗୁଡ଼ାକ ପୂରା ଦୁତିଆ ଘାଣ୍ଟ । ଏବେ ବରର ମୁହଁ ଚକ୍ରାକାରରେ ବୁଲିଲାଣି ତ ଏବେ ତାହା କେଉଁ ଫୁଲ ଭିତରେ ପଶି ଗଲାଣି । ବ୍ୟାକଗ୍ରାଉଣ୍ଡରେ କିଛି ହିନ୍ଦୀ ଓଡ଼ିଆ ରୋମାଣ୍ଟିକ ଗୀତ । ଫୁଲ ଭଁଅର ନଈ ପାହାଡ଼ ଝରଣା ଭିତରେ ଭଗବାନ ପ୍ରକଟ ହେଲା ଭଳି ବର କନ୍ୟା ପ୍ରକଟ ହେବାର ଦୃଶ୍ୟ ଦେଖାଉ ଦେଖାଉ ହଠାତ ତା ଭିତରେ ବାହାଘର ପ୍ରସେସନ ପଶି ଆସିଲା । ବରଯାତ୍ରୀଙ୍କ ଉଦଣ୍ଡ ନୃତ୍ୟ ପରେ ସେମାନଙ୍କ ଖାଇବାର ଦୃଶ୍ୟ । କୌଣସି ବିଶେଷ କାରଣରୁ - ଯାହା ମୋତେ ଏଯାଏଁ ଅଜଣା - ଭିଡିଓବାଲା ସେମାନଙ୍କ ଖାଇବା ପ୍ଲେଟ ଆଉ ସେମାନେ କେମିତି ଖାଉଛନ୍ତି ତାକୁ ବାରମ୍ବାର ଜୁମ୍ କରି ଦେଖାଉଥିଲେ । ତା'ପରେ ବାହାଘର ରୀତିନୀତିର ଦୀର୍ଘ ଦୃଶ୍ୟ । ମଝିରେ ମଝିରେ ଆତ୍ମୀୟ ସ୍ୱଜନଙ୍କ କ୍ଲୋଜ-ଅପ । ତା'ପରେ ଝିଅ ବିଦା ହେବାର ଦୃଶ୍ୟ । ବ୍ୟାକଗ୍ରାଉଣ୍ଡରେ ଦୁଃଖ ଗୀତ । ଶେଷରେ ପୁଣି ଫୁଲ



ପତ୍ର ଭିତରେ ବରକନ୍ୟାଙ୍କ ମୁହଁ । ବ୍ୟାକଗ୍ରାଉଣ୍ଡରେ ରୋମାଣ୍ଟିକ ଗୀତ ।

ଏବେ ସେ ଭିଡିଓ ଦେଖିଲେ ମା'ରାଣ- ଭିଡିଓବାଲାକୁ ମର୍ଡର କରିଦେବାକୁ ଇଛା ହୁଏ । କିନ୍ତୁ ଗୋଟିଏ କାରଣ ପାଇଁ ମୁଁ ମୋ ବାହାଘର ଭିଡିଓ ଏବେ ବି ବେଳେବେଳେ ଦେଖେ । ସେଥିରେ ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ - ସମସ୍ତେ ଥିଲେ । ସେମାନଙ୍କ ଭିତରୁ ଅନେକେ ଏବେ ଆଉ ନାହାନ୍ତି । ମରିହଜି ଗଲେଣି । ଫଟୋ ହୋଇ କାନ୍ଥରେ ଝୁଲିଲେଣି । ଅନେକେ ଫଟୋରେ ପିଲା ଥିଲେ, ଏବେ ବୟସ୍କ ହେଲେଣି । ଅନେକେ ବିସ୍ମୃତିର ବୁଢିଆଣୀ ଜାଲରେ ଅସ୍ପଷ୍ଟ ହୋଇଯାଇଥିଲେ, ଭିଡିଓ ଦେଖିଲେ ପରେ ମନେ ପଡ଼ିଲେ । ବର୍ତ୍ତମାନର ବାହାଘର ଭିଡିଓରେ କେବଳ ଟୁଆଁ-ଟୁଇଁ । ଆଉ ଖୁବ ବେଶୀରେ ସେମାନଙ୍କ ବାପାମା । ଆଉ କେହି ନାହାନ୍ତି । ଆମ ବେଳେ ବାହାଘର ଭିଡିଓରେ ପରିବାରଟା ବଡ଼ ଥିଲା, ଆଉ ତାହା ଦିଶୁଥିଲା । ଏବେ ପରିବାରର ପରିସର ଖୁବ ଛୋଟ ହୋଇଯାଇଛି ।



## ବାରାଣସୀରେ ଗଙ୍ଗା ଘାଟ

ବାରାଣସୀରେ ଗଙ୍ଗା ନଈ କୂଳରେ ପାଖାପାଖି ୮୦ଟି ଘାଟ ଅଛି । ଗଙ୍ଗା ଏଠି କଲ୍ଲୋଳିନୀ ନୁହନ୍ତି । ଶାନ୍ତ । ବାରାଣସୀର ଘାଟରେ ବସି ଗଙ୍ଗା ନଦୀରେ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖିବା ଏକ ଅଦ୍ଭୁତ ଅନୁଭବ । ମନ୍ଦିରର ଘଣ୍ଟା ମସଜିଦର ଅଜାନ ଫେଣ୍ଟାଫେଣ୍ଟି ହୋଇ ଯାଏ । କର୍ଣ୍ଣ ଗହ୍ୱର ଦେଇ ଆତ୍ମା ଯାଏ ପହଞ୍ଚିଯାଏ ସେ ମଙ୍ଗଳଧ୍ୱନି । ବାରାଣସୀର ଘାଟ ମଣିଷ ଜୀବନକୁ ଆମ ଆଖି ସାମ୍ନାରେ ଚିତ୍ର କରି ପରଶି ଦିଏ । ଗଙ୍ଗା ଘାଟରେ ଭୋଗୀ ଆଉ ଯୋଗୀ ସମାନ ସଂଖ୍ୟାରେ ଦେଖାଯାନ୍ତି । ସନ୍ଧ୍ୟାରେ ଦଶାଶ୍ୱମେଧ ଘାଟରେ ଯେତେବେଳେ ଗଙ୍ଗା ଆରତୀ ଚାଲିଥାଏ, ତା'ପାଖ ମଣିକର୍ଣ୍ଣିକା ଆଉ ହରିଶ୍ଚନ୍ଦ୍ର ଘାଟରେ ସେତେବେଳେ ଜୁଇ ଜଳୁଥାଏ । ଗଙ୍ଗା ନଈରୁ ଡଙ୍ଗାରେ ବସି ଦେଖିଲାବେଳେ ଉଭୟର ଆଲୋକରେଖା ଏକାଠି ମିଶିଗଲା ପରି ମନେ ହୁଏ ।

## ତାମିଲନାଡୁ ଆଉ ପଣ୍ଡିଚେରୀ

ତାମିଲନାଡୁ ଆଉ ପଣ୍ଡିଚେରୀ ପଡ଼ୋଶୀ । ତାମିଲନାଡୁ ହେଲା ରାଜ୍ୟ, ପଣ୍ଡିଚେରୀ ହେଲା କେନ୍ଦ୍ରଶାସିତ ଅଂଚଳ । ସ୍ୱାଧୀନତା ପୂର୍ବରୁ ପଣ୍ଡିଚେରୀ ଫରାସୀ ଶାସନରେ ଥିଲା । ତାମିଲନାଡୁ ବ୍ରିଟିଶ ଶାସନ ଅଧୀନରେ । ଉଭୟ ତାମିଲନାଡୁ ଆଉ ପଣ୍ଡିଚେରୀର ମୁଖ୍ୟ ଭାଷା ଓ ସଂସ୍କୃତି ହେଲା ତାମିଲ । ତେଣୁ କଉଠି ତାମିଲନାଡୁ ସରୁଛି ଆଉ କେନ୍ଦ୍ର ଶାସିତ ଅଂଚଳ ପଣ୍ଡିଚେରୀ ଆରମ୍ଭ ହେଉଛି - ତାହା ଜାଣିବା ବହିରାଗତ ଲୋକଙ୍କ ପାଇଁ କଷ୍ଟ । ଏହା ଜଣାପଡ଼ିବ ମଦଦୋକାନର ସଂଖ୍ୟା ଆଉ ଆକାର ଦେଖିଲେ । ତାମିଲନାଡୁ ଭିତରେ ମଦଦୋକାନର ସଂଖ୍ୟା ଏବଂ ଆକାର କମ । କେନ୍ଦ୍ରଶାସିତ ପଣ୍ଡିଚେରୀରେ ଉଭୟ ଅଧିକ । ତେଣୁ ଯେଉଁଠି ଦେଖିବେ ରାସ୍ତା କଡେ ମାଳ ମାଳ ବଡ଼ ବଡ଼ ମଦଦୋକାନ, ସେଇଠୁ ଜାଣିବେ ପଣ୍ଡିଚେରୀର ଅଞ୍ଚଳ ଆରମ୍ଭ । ତାମିଲନାଡୁର ବହୁ ଲୋକ, ବିଶେଷ କରି ଥିରୁଭରୁର ଭଳି ମନ୍ଦିର ସହରର ଲୋକ - ସପ୍ତାହାନ୍ତରେ ପଣ୍ଡିଚେରୀ ଚାଲି ଯାଆନ୍ତି । ଏଇ କାରଣରେ 'ଶୁଷ୍କ' ପ୍ରଦେଶ ଗୁଜରାଟର ବହୁ ରସିକ ଲୋକେ ସପ୍ତାହାନ୍ତରେ ଦାମନ ଆଉ ଡିଉକୁ ଚାଲିଯାଆନ୍ତି । ତାହା ବି କେନ୍ଦ୍ରଶାସିତ ଅଂଚଳ ।



## ପ୍ରତିଯୋଗୀ ଦୌଡ଼ରେ ସମର୍ଥ

ରୋହିତ ଶେଟ୍ଟୀଙ୍କ ବହୁପ୍ରତୀକ୍ଷିତ ଷ୍ଟଣ୍ଟ ରିଆଲିଟି ଶୋ' 'ଖତରୋଁ କି ଖିଲାଡ଼ି-୧୫'କୁ ନେଇ ଚର୍ଚ୍ଚା ଜୋର ଧରିଛି । ନିକଟରେ ଏଥିରେ ସାମିଲ ହେବାକୁ ଥିବା ପ୍ରତିଯୋଗୀଙ୍କ ନାମକୁ ନେଇ ଆଲୋଚନା ଅରମ୍ଭ ହୋଇଛି । ରିପୋର୍ଟ ଅନୁଯାୟୀ, ଅଭିନେତା ସମର୍ଥ ଜୁରେଲ ଏବଂ ଗୌରବ ଖାନ୍ନାଙ୍କୁ ଏହି ସିଜନ୍ ପାଇଁ ଯୋଗାଯୋଗ କରାଯାଇଥିବା ସୂଚନା ରହିଛି । ସେମାନଙ୍କ ସହ ଅଭିଷେକ ବଜାଜ, ପ୍ରଣାଳୀ ରାଠୋଡ଼ ଓ ମନୀଷା ରାନୀଙ୍କ ଭଳି ତାରକା ମଧ୍ୟ ଶୋ'ରେ ନଜର ଆସିପାରନ୍ତି ବୋଲି ଶୁଣାଯାଉଛି । ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ଫେରୁଥିବା ଏହି ଶୋ'ର ସୁଟିଂ ମେ' ୨୦୨୬ରୁ ଦକ୍ଷିଣ ଆଫ୍ରିକାର କେପଟାଉନରେ ଆରମ୍ଭ ହେବାର ସମ୍ଭାବନା ରହିଛି । ଜୁଲାଇ ମାସ ବେଳକୁ ଏହା ପରଦାକୁ ଆସିପାରେ । ଖବର ଜଣା ପଡିବା ପରେ ଦର୍ଶକଙ୍କ ଭିତରେ ଏହାକୁ ନେଇ ଅନେକ ଉତ୍ସାହ ଦେଖିବାକୁ ମିଳିଛି ।



## ଆସୁଛି ସିଜନ ୪

ସିରିଜ୍ 'ଦି ଫ୍ୟାମିଲି ମ୍ୟାନ୍'କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି । ଏହାର ତୃତୀୟ ସିଜନ୍ ଏକ ସସ୍ପେନ୍ସ ମୋଡ଼ରେ ଶେଷ ହେବା ପରେ ବର୍ତ୍ତମାନ ଚତୁର୍ଥ ସିଜନ୍ ପାଇଁ ଦର୍ଶକ ଅପେକ୍ଷା କରିଛନ୍ତି । ନିକଟରେ ଜଣେ ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ଅଭିନେତା ମନୋଜ ବାଜପେୟୀ ସ୍ପଷ୍ଟ କରିଛନ୍ତି ଯେ, ତୃତୀୟ ସିଜନ୍‌ର ଅଧୁରା ପ୍ରଶ୍ନର ଉତ୍ତର ଆଗାମୀ 'ସିଜନ୍ ୪'ରେ ମିଳିବ । ଯାହାପରେ ଚର୍ଚ୍ଚା ଜୋର ଧରିଛି । ସୋସିଆଲ ମିଡିଆରେ ଏକ କାର୍ଯ୍ୟକ୍ରମରେ ମନୋଜ ସୂଚନା ଦେଇଥିଲେ ଯେ, ଶ୍ରୀକାନ୍ତ ତିୱାରୀଙ୍କ କାହାଣୀ ଏବେ ଶେଷ ହୋଇନାହିଁ ଏବଂ ଖୁବଶୀଘ୍ର ସେ ନୂଆ ରୂପରେ ପରଦାକୁ ଫେରିବେ । ତେବେ ନିର୍ମାତାଙ୍କ ପକ୍ଷରୁ କିନ୍ତୁ ଏପର୍ଯ୍ୟନ୍ତ ଏନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ । ଉତ୍ତର-ପୂର୍ବ ଭାରତର ମିଶନର ଅଧୁରା କାହାଣୀ ଏହି ନୂଆ ସିଜନ୍‌ରେ ଆଗକୁ ବଢ଼ିବା ସହ ଜୟଦୀପ ଅହଲାୱତ ଓ ନିମ୍ରତ କୌର ଆଦି ଏଥର ସିରିଜରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।



## ନାଗିନକୁ ବିଦାୟ

ଏକତା କପୁରଙ୍କ ଲୋକପ୍ରିୟ ଟେଲିଭିଜନ ଫ୍ରାଞ୍ଚାଇଜ୍ 'ନାଗିନ୍-୭' ଖୁବଶୀଘ୍ର ପରଦାରୁ ବିଦାୟ ନେବାକୁ ଯାଉଛି । ଆସନ୍ତା ଜୁନ୍ ୭ ତାରିଖରେ ଏକତାଙ୍କ ଜନ୍ମଦିନ ଅବସରରେ ଏହି ସୋ'ର ଶେଷ ପ୍ରସାରଣ ହେବ ବୋଲି ସେ ନିଜେ ଇନଷ୍ଟାଗ୍ରାମ ଜରିଆରେ ସ୍ପଷ୍ଟ କରିଛନ୍ତି । ପୂର୍ବରୁ ଏହି ସିଜନ୍‌କୁ ଏପ୍ରିଲ ୨୦୨୬ରେ ଶେଷ କରିବାକୁ ଯୋଜନା ରହିଥିଲେ ମଧ୍ୟ ଚ୍ୟାନେଲର ଅନୁରୋଧ କ୍ରମେ ଏହାର ଅବଧିକୁ ଜୁନ୍ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଯାହାଫଳରେ ଦର୍ଶକ ଆହୁରି କିଛି ମାସ ଏହାର ମଜା ନେଇପାରିବେ । ଏକତା କହିଛନ୍ତି ଯେ, ଅନ୍ୟ ପ୍ରୋଜେକ୍ଟ ଉପରେ ଗୁରୁତ୍ୱ ଦେବା ପାଇଁ ସେ ଏବେ 'ନାଗିନ୍'ର ଛୋଟ ଛୋଟ ସିଜନ୍ କରିବାକୁ ଚାହୁଁଛନ୍ତି । ତେବେ ୨୦୨୭ରେ ଏକ ନୂଆ ସିଜନ୍ ସହ ଏହି ଧାରାବାହିକ ପୁଣି ଥରେ ଫେରିବ । ପ୍ରିୟଙ୍କା ଚହର ଚୌଧୁରୀ ଏବଂ ନାମିକ ପାଲଙ୍କ ଅଭିନୀତ ଏହି ସିଜନ୍ ଟିଆରପି ତାଲିକାର ଶୀର୍ଷ ୧୦ ମଧ୍ୟରେ ସ୍ଥାନ ପାଇଥିଲା, ହେଲେ ନିକଟରେ ଏହାର ରେଟିଂ କମିବାରେ ଲାଗିଛି । ତେଣୁ ଆସନ୍ତା ବର୍ଷ ଏକ ନୂଆ ରୂପରେ ଫେରିବା ପାଇଁ ନିର୍ମାତାମାନେ ବର୍ତ୍ତମାନ ଏହି ବିରତି ନେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।



## କରିସ୍ମାଙ୍କ ଚେତାବନୀ

ଲୋକପ୍ରିୟ ବଲିଉଡ ଅଭିନେତ୍ରୀ କରିସ୍ମା କପୁର ନିକଟରେ 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ସେଟ୍‌ରେ ପାପରାଜିଙ୍କୁ ଅଯଥା ଜୁମ୍ କରି ଫଟୋ ବା ଭିଡିଓ ନଉଠାଇବାକୁ ଚେତାବନୀ ଦେଇଛନ୍ତି । ଶୋ'ର ସୁଟିଂ ସମୟରେ ଅନ୍ୟ ବିଚାରକଙ୍କ ସହ ପୋଜ୍ ଦେବା ପରେ ସେ କ୍ୟାମେରାମ୍ୟାନଙ୍କୁ 'ଅଧିକ ଜୁମ୍ କରନ୍ତୁ ନାହିଁ' ବୋଲି ସ୍ପଷ୍ଟ ଭାବେ କହିଥିଲେ । ଯାହାକୁ ନେଇ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ବହୁଳ ଭାବେ ସମର୍ଥନ କରିବା ସହ ଏହାକୁ ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଗୋପନୀୟତା ଓ ସମ୍ମାନର ବିଷୟ ବୋଲି ମତ ଦେଇଛନ୍ତି । ସୂଚନା ଅନୁସାରେ ଆସନ୍ତା ମେ' ୯ ତାରିଖରୁ ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନରେ ପ୍ରସାରିତ ହେବାକୁ ଥିବା 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ସିଜନ୍-୫'ରେ କରିସ୍ମା ଜଣେ ବିଚାରକ ଭାବେ ନଜର ଆସିବେ । ସେହିଭଳି ପୁଣିଥରେ କରିସ୍ମା ପରଦାକୁ ଫେରୁଥିବାରୁ ତାଙ୍କ ଫ୍ୟାନମାନେ ଖୁବ ଖୁସି ଥିବା ଦେଖିବାକୁ ମିଳୁଛି ।



## ସବୁରି ପଛରେ ପ୍ରିୟଙ୍କା

ପଞ୍ଜାବର ପୂର୍ବତନ ବିଧାୟିକା ନବଜୋତ କୌର ସିଦ୍ଧୁ ଏକ ସାକ୍ଷାତକାରରେ ଆମ୍ ଆଦମୀ ପାର୍ଟିର ପୂର୍ବତନ ନେତା ରାଘବ ଚଡ଼ାଙ୍କ ବିଜେପିରେ ଯୋଗଦାନକୁ ନେଇ ଏକ ବିସ୍ଫୋରକ ଦାବି କରିଛନ୍ତି । ସେ କହିଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିଜ ପ୍ରଭାବ ଖଟାଇ ରାଘବଙ୍କୁ ବିଜେପିରେ ସାମିଲ କରାଇଛନ୍ତି । କେନ୍ଦ୍ରୀୟ ଏଜେନ୍ସି ତଦନ୍ତରୁ ରାଘବଙ୍କୁ ବଞ୍ଚାଇବାକୁ ପ୍ରିୟଙ୍କା ସୁରକ୍ଷା କବଚ ପ୍ରସ୍ତୁତ କରିଥିଲେ । ଏଥି ପାଇଁ ପିଣ୍ଟୀତି ଚୋପ୍ରା ନିଜ ଭଉଣୀ ପ୍ରିୟଙ୍କାଙ୍କ ସାହାଯ୍ୟ ମାଗିଥିଲେ । ଏହି 'ରାଜନୈତିକ ସେଟିଂ' ଯୋଗୁଁ ରାଘବ ୨୪ ଏପ୍ରିଲରେ ବିଜେପିରେ ସାମିଲ ହୋଇ ଇଡି ଏବଂ ସିବିଆଇ ତଦନ୍ତରୁ ରକ୍ଷା ପାଇଗଲେ ବୋଲି ନବଜୋତ ସୂଚନା ଦେଇଛନ୍ତି ।



## ଖରା ଦିନ ପଣା ବଡ଼ ସୁଆଦ

ଖରା ଦିନ ପଣା ବଡ଼ ସୁଆଦ
ତାତିକୁ ହଟାଇ ଦିଏ ଆନନ୍ଦ
ବେଲ ହେଉ ଅବା ଫୁଟି,
ଛେନା ନଡ଼ିଆ ତା ସୁଆଦ ବଢ଼ାଏ
ଗୁଡ଼ ତା'ର ପ୍ରିୟ ସାଥୀ ॥
ପାଚିଲା ବେଲକୁ ଗୋଲ ମରିଚ
କ୍ଷୀର ଅବା ଦହି ପ୍ରକାର ପାଞ୍ଚ
ମିଶିଲେ ହୁଅଇ ପଣା,
ଖରାରେ ପିଇଲେ ପିଇବା ଲୋକକୁ
ଉପକାର ପଡ଼େ ଜଣା ॥
ବିଷୁବପଣାର ସୁଆଦ ଭାରି
ପିଇବା ଲୋକଟି ହୁଅଇ ଝୁରି
ଆସିଗଲେ ଖରା ଦିନ,
ଝାମୁ ଯାତରାରେ ପଣା ପିଇବାକୁ
ଟାଣଇ ସଭିଙ୍କ ମନ ॥
ବଇଶାଖ ଜ୍ୟେଷ୍ଠ ଟାଣୁଆ ଖରା
ବରଷକେ ଥରେ ତତାଏ ଧରା
ଗମ ଗମ ବହେ ଝାଳ,
ମନ ଖୋଜୁଥାଏ ଘୋଳ ଦହି ପଣା
ତା'ସାଥେ ଶୀତଳ ଜଳ ॥
ଗଛ ଛାଇ ଦିଏ ଅମାପ ସୁଖ
ଘୁଞ୍ଚାଇ ଥାଏ ସେ ବାଟୋଇ ଦୁଃଖ
ବସିଗଲେ ଗଛ ତଳେ,
ଖରା ଦିନ ଖରା ନ ବାଧଇ ପରା
ଖରା ଦିନ ଖରା ବେଳେ ॥

**ପ୍ରଫୁଲ୍ଲ କୁମାର ସାହୁ**
ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା, କଟକ
ମୋ: ୭୬୦୯୪୪୩୮୩

## ସୁନାର ଓଡ଼ିଶା ଗଢ଼ିବି

ପଢ଼ିବିରେ ପାଠ ପଢ଼ିବି
କାଳିଆ ଘୋଡ଼ାରେ ଚଢ଼ିବି
ମଧୁବାବୁ ସାଥେ ଲଢ଼ିବି
ଆମେ ଥିଲୁ ଯେବେ ପିଲାରେ
ଆଈଠାରୁ ଶୁଣି ଏଇ ଗୀତଟି ତ
ଆମର ମୁଖସ୍ଥ ଥିଲାରେ ॥
ଆସୁଛିରେ ମଧୁ ଜୟନ୍ତୀ
ଅଜା ତାଙ୍କ କଥା କହନ୍ତି
ଆଜି ସିନା ସିଏ ନାହାନ୍ତି
ଦେଖିଥିଲେ ସିଏ ସପନ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହୋଇଲା
ଉଇଁଲା ଆଶାର ତପନ ॥
ପଢ଼ିବିରେ ପାଠ ପଢିବି
ଅନୀତିକୁ ଦୂରେ ତଡ଼ିବି
ସୁନାର ଓଡ଼ିଶା ଗଢ଼ିବି
ମନେ ରଖିବି ଏ କଥାଟି
ମୁଁ ଖାଣ୍ଟି ଓଡ଼ିଆ ମୋ ରାଜ୍ୟ ବଢ଼ିଆ
ଗରବେ ଟେକିବି ମଥାଟି ॥

**ନୀଳମଣି ଚାନ୍ଦ**
ମନ୍ତ୍ରମାନୋର, ଗୋଠପାଟଣା,
ଭୁବନେଶ୍ୱର
ମୋ: ୯୫୮୩୨୦୨୩୫୭

## ବାହାନାର ଜାଲ



ସମୟର ସ୍ରୋତ ବହିଯାଏ ଧୀରେ
କାମ ପଡ଼ିରହେ ଅଧା
ମନର କୋଣରେ ଜନ୍ମନିଏ ଯେବେ
ବାହାନାର ଶହେ ବାଧା ॥
ଆଜି ନୁହେଁ କାଲି, କାଲି ନୁହେଁ ପରେ
ଏମିତି କଟଇ ଦିନ
ଅସଲ କାମକୁ ପଛରେ ପକାଇ
ବାଟବଣା ହୁଏ ମନ ॥
ଥକ୍କା ଲାଗୁଅଛି, ଦେହ ଭଲ ନାହିଁ
କେତେ ଯେ ମିଛର ମାୟା
କର୍ତ୍ତବ୍ୟ ପଥରୁ ଦୂରେଇ ନିଅଇ
ଅଳସୁଆ ମନ ଛାୟା ॥
ସଫଳତା ଖୋଜେ ନିରନ୍ତର ନିଷ୍ଠା
କଠିନ ସାଧନା ବଳ
ବାହାନା ଦେଖାଇ ଯିଏ ରହେ ପଛେ
ବିଫଳତା ମାଳମାଳ ॥
ବାହାନା ର ଜାଲ ଛିଣ୍ଡାଇ ଦିଅ ହେ
ମନ ଛୁରୀ କରି ଧାର
କର୍ମ ଏକା ବନ୍ଧୁ, କର୍ମ ଏକା ଧର୍ମ
ଜିଣିବାକୁ ଏ ସଂସାର ।

**ଡକ୍ଟର ତପନ କୁମାର ଦାଶ**
ମାଧିପୁର, ପିପିଲି, ପୁରୀ
ମୋ: ୯୪୩୯୮୭୦୫୧୬

## ମାଟି ଆମ ମାଆ

ଶୁଣିବା ଯଦି ମାଟିର କଥା
ତାର ସୃଜନ ତାହାରି ଗାଥା
ଭରେ ପୁଲକ ପ୍ରାଣେ,
ମାଟି ମା ବୁଝେ ଆମ ବେଦନା
ଦିଏ ପୋଷାକ ଦିଅଇ ଦାନା
ସନ୍ତାନ ପ୍ରାୟ ମଣେ ॥
ଅଶ୍ରୁତ ସିନା ତାହାରି ଭାଷା
ଦେଖାଏ କିନ୍ତୁ ନୂତନ ଦିଶା
ଜୀବନ ଉଠେ ଝଳି,
ମାଟି ଜଠରୁ ଦ୍ୱିପତ୍ର ମେଲି
ପଞ୍ଚଭୂତରୁ ଶକ୍ତି ସଂଚାରି
ବୃକ୍ଷ ଫୁଟାଏ କଳି ॥
ମାଟିର ଏଇ ସବୁଜ ଶିରୀ
ମନରେ ମାୟା ଦେଇଛି ଭରି
ସପନ ଭରା ଆଖି,
କଣ୍ଟକିତ ଏ ଜୀବନ ପଥେ
ଆଶିଷ ଢାଳି ଦିଅଇ ମାଥେ
କୋଳରେ ତା'ର ରଖି ॥
ମାଟି ମା ଆମ ଜୀବନ ଗଢ଼େ
ହାତ କାହାରି କେବେ ନ ଛାଡ଼େ
ମମତାମୟୀ ପରା
ଆଘାତ କେତେ ସହେ ସେ ଆମ
କେଡ଼େ ନିବିଡ଼ ସତେ ତା ପ୍ରେମ
ସ୍ନେହ ତା ମଧୁଝରା ॥

**ସୁଦର୍ଶନ ମହାପାତ୍ର**
କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୨୭୫୫୪୨



## ଲେମ୍ବୁ ସରବତ ପିଇବା ଆସ

ବଢ଼ି ବଢ଼ି ଯାଏ ଗରମ ତାତି
ଝାଞ୍ଜି ପବନକୁ ଲାଗୁଛି ଭୀତି ।
ଡହଳ ବିକଳ ଜନ ଜୀବନ
ଶୁଷ୍କ ପରିବେଶ ଦିଏ କଷଣ ।
ଗୁଳୁଗୁଳି ଝାଳ ହୁଏ ଅସହ୍ୟ
ଅଂଶୁଘାତ ପ୍ରତି ମନରେ ଭୟ ।
ଗମ ଗମ ବହି ଯାଉଛି ଝାଳ
ଝାଞ୍ଜି ପବନରେ ପ୍ରାଣ ବିକଳ ।
ଥଣ୍ଡା ପାନୀୟରେ ବଳଇ ମନ
ଦହି ପଖାଳର ହୁଏ ଭୋଜନ ।
ବଜାର ବିକିରି ଥଣ୍ଡା ପାନୀୟ
ସେଥିପ୍ରତି କେବେ ମନ ନଦିଅ ।
ମିଶେ ତହିଁ ରାସାୟନିକ ଦ୍ରବ୍ୟ
ସ୍ୱାସ୍ଥ୍ୟକୁ ଆମର ବିଗାଡି ଦେବ ।
ଲେମ୍ବୁ ସରବତ ପିଇବା ଆସ
ଦେହ ପାଇଁ ଭଲ ଘର ଜିନିଷ ।
ଲେମ୍ବୁ ଲୁଣ ସହ ଚିନି ମିଶାଇ
ଯେତେ ପାନ କଲେ କ୍ଷତି ନୁହଁଇ ।
ବଢ଼ାଇବା ଦେହେ ଜଳୀୟ ଅଂଶ
ଗ୍ରୀଷ୍ମରେ ପ୍ରାଣ ହେବ ସରସ ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ: ୭୭୩୫୬୧୧୪୮୪

ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



# ଡ୍ରୋନ୍ ବୋମା କୁଇନ୍

ଡ୍ରୋନ୍-ବୋମା ଏବଂ ଅସ୍ତ୍ର କାରବାରର ଏକ ଆନ୍ତର୍ଜାତୀୟ ନେଟୱାର୍କ ସୃଷ୍ଟି କରିଥିବା ଇରାନର ଲେଡି ଡନ୍ 'ଶାମିମ୍ ମାଫି'ର କାହାଣୀ ଖୁବ୍ ନିଆରା । ଆମେରିକାର ଲସ ଏଞ୍ଜେଲସ୍ ବିମାନବନ୍ଦରରେ ଗିରଫ ହେବାପରେ ଅନୁସନ୍ଧାନକାରୀ ଏଜେନ୍ସିମାନେ ଶାମିମ୍ ମାଫି ନାମ୍ନୀ ଏହି ୪୪ ବର୍ଷୀୟ ମହିଳା କୁଖ୍ୟାତ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣକାରୀଙ୍କୁ ଡ୍ରୋନ୍ ବୋମା କୁଇନ୍ ଭାବେ ବିବେଚନା କରିଛନ୍ତି । ସେ ଇରାନ ସରକାରରେ କାମ କରୁଥିବାବେଳେ ବିପଜ୍ଜନକ ଅସ୍ତ୍ରଶସ୍ତ୍ର ଦଲାଲ କରିଥିବା ଅଭିଯୋଗ ହୋଇଛି । ଗ୍ଲାମର ନାମରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାରର ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିଥିବା ଶାମିମା ମାଫି କାଲିଫର୍ନିଆର କାଠଲ୍ୟାଣ୍ଡ ହିଲ୍ସର ବାସିନ୍ଦା ହୋଇଥିବା ବେଳେ ସେ ୨୦୧୬ରୁ ଆମେରିକାରେ ସ୍ଥାୟୀ ଭାବେ ରହିଆସୁଥିଲେ । ମାଫି ଡ୍ରୋନ୍, ବୋମା, ବୋମା ଫ୍ୟୁଜ୍ ଏବଂ ଲକ୍ଷ ଲକ୍ଷ ଗୁଳିଗୋଳା ବର୍ଷଣ ପାଇଁ ସେ ଚୁକ୍ତି କରିଥିବା ଓ ଏହି ଅସ୍ତ୍ରଗୁଡିକ ଅନ୍ତର୍ଜାତୀୟ ପ୍ରତିବନ୍ଧକକୁ ଅଣଦେଖା କରି ସୁଦାନ ପରି ଏକ ବିବାଦୀୟ ଦେଶକୁ ପଠାଉଥିବା ଜଣାପଡ଼ିଛି ।

ଆମେରିକାର ଆଟର୍ଣ୍ଣି ବିଲ୍ ଆସଲେଙ୍କ ଅନୁସାରେ ଇରାନ ଏବଂ ସୁଦାନ ମଧ୍ୟରେ ହୋଇଥିବା ଅସ୍ତ୍ର କାରବାରରେ ମାଫି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏପରିକି ଏହା କେବଳ ଦଲାଲୀ ନୁହେଁ ବରଂ ଏକ ସଂଗଠିତ ଅପରେସ ବୋଲି ଆସେଲ କହିଛନ୍ତି । ଅନୁସନ୍ଧାନରୁ ଜଣାପଡିଛି, ଏହି କାର୍ଯ୍ୟକଳାପ ଦୀର୍ଘ ସମୟ ଧରି ଚାଲିଥିଲା । ଓମାନରେ ପଞ୍ଜୀକୃତ 'ଆଟଲାସ୍ ଇଣ୍ଟରନ୍ୟାସନାଲ ବିଜିନେସ୍' ନାମକ ଏକ କମ୍ପାନୀ ମାଧ୍ୟମରେ ମାଫି ଏହି ନେଟୱାର୍କ ପରିଚାଳନା କରିଥିଲେ । ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ବିକ୍ରୟ ଏହି କମ୍ପାନୀ ମାଧ୍ୟମରେ କରାଯାଇଥିଲା ।

**ଅତୀତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ଲେଡି ଡନ୍‌ଙ୍କ ଆବିର୍ଭାବ ହୋଇଥିଲେ ହେଁ ଡ୍ରୋନ୍ ରାଣୀ ବା ମାଷ୍ଟିଆ କ୍ୱିନ୍ କୁହାଯାଉଥିବା ଶାମିମା ମାଫି ହେଉଛନ୍ତି ସବୁଠୁ କୁଖ୍ୟାତ । ନିକଟରେ ଆମେରିକାର ଲସ୍ ଏଞ୍ଜେଲସରୁ ଗିରଫ ହେବା ପରେ ଡ୍ରୋନ୍ ବୋମା ଏବଂ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ପାଇଁ ଅନ୍ତର୍ଜାତୀୟ ନେଟୱର୍କ ସୃଷ୍ଟିର ସେ ମାଷ୍ଟରମାଇଣ୍ଡ୍ ବୋଲି ଜଣାପଡ଼ିଛି ।**

ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ମାଫି ନିଜ ନେଟୱାର୍କକୁ ଲୁଚାଇବା ପାଇଁ ଅନେକ ଦେଶ ସହିତ ଜଡ଼ିତ ଥିଲେ । ତୁର୍କୀ ଏବଂ ୟୁଏଇ ମାଧ୍ୟମରେ ଡିଲ୍‌ଗୁଡିକ କାର୍ଯ୍ୟକାରୀ କରାଯାଉଥିଲା । ମାଫି ତୁର୍କୀର ବଡ ବ୍ୟବସାୟୀଙ୍କ ସହ ଜଡ଼ିତ ରହି ତାଙ୍କ ମାଧ୍ୟମରେ ଆମେରିକାର ବିଶେଷ ଅତିଥି ଭାବରେ ପରିଚିତ ହୋଇଥିଲେ । ମାଫି ବାରମ୍ବାର ଇସ୍ତାନବୁଲ ଯାଉଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଅସ୍ତ୍ରଶସ୍ତ୍ର କାରବାରକୁ ଆଇନଗତ ଦର୍ଶାଇବା । ସେ ବିଭିନ୍ନ ଦେଶର ନିୟମର ସୁଯୋଗ ନେଇ କାରବାର କରୁଥିଲେ । ଯାହାଫଳରେ ସେ ଆମେରିକାର ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକୁ ଭକୁଆ ବନାଇ ପାରୁଥିଲେ । ହେଲେ ଶେଷରେ ତାଙ୍କ ନେଟୱାର୍କର ପର୍ଦ୍ଦାଫାସ ହୋଇଛି ।


ମାଫିଙ୍କ ସବୁଠୁ ଭୟଙ୍କର ଡିଲ୍ ହେଉଛି ମୋହାଜର-୬ ଡ୍ରୋନ କାରବାର । ଏହି ଡ୍ରୋନ୍ ଉଭୟ ତଦାରଖ ଏବଂ ଆକ୍ରମଣ କରିପାରିବ । ଅଭିଯୋଗ ହୋଇଛି ଯେ ସୁଦାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସହଯୋଗରେ ମାଫି ଏହି ଡ୍ରୋନ ଯୋଗାଇ ଦେଇଛନ୍ତି । ଏପରିକି ସୁଦାନ ଯେତେବେଳେ ଗୃହଯୁଦ୍ଧରେ ଜଳୁଥିଲା ସେତେବେଳେ ମାଫି ୫୫,୦୦୦ ବୋମା, ଫ୍ୟୁଜ ଏବଂ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲେ । ଅନ୍ୟପକ୍ଷରେ ମାଫି ତେହେରାନର ଗୁପ୍ତଚର ଅଧିକାରୀଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିବା ଥିବା ତାଙ୍କ ଫୋନ୍ ରେକର୍ଡ଼ୁ ପ୍ରମାଣିତ ହୋଇଛି ।

ଏକ ଘଟଣାକ୍ରମରେ ମାଫିଙ୍କର ଏହି ଗୋଲକଧନ୍ଦାରେ ପ୍ରବେଶ ଘଟିଥିଲା । ୨୦୨୦ ମସିହାରେ ଇରାନ ସରକାର ତାଙ୍କ ପୈତୃକ ସମ୍ପତ୍ତି ଜବତ କରିଥିଲେ । ତାଙ୍କ ଆଗରେ ସର୍ତ୍ତ ରଖାଯାଇଥିଲା, ଯଦି ସେ ଆମେରିକାରେ ରହି ତେହେରାନ ପାଇଁ କାମ କରିବେ ତେବେ ସେ ସମ୍ପତ୍ତି ଫେରିପାଇବେ । ଏହାପରଠୁ ମାଫିଙ୍କ ଅସ୍ତ୍ରଶସ୍ତ୍ରର ଏହି ବିପଜ୍ଜନକ ଖେଳ ଆରମ୍ଭ ହୋଇଥିଲା ।

ମାଫି ଖୁବ୍ ଶୀଘ୍ର ବୁଝିନେଇଥିଲେ ଯେ ପୁଞ୍ଜି, ସୁନ୍ଦରତା ଓ ଗ୍ଲାମର୍ ମାଧ୍ୟମରେ ଖୁବ୍ କମ୍ ଦିନରେ ଭିତରେ ଆନ୍ତର୍ଜାତୀୟ ସ୍ତରରେ ଅସ୍ତ୍ରଶସ୍ତ୍ର ଚୋରା ନେଟୱାର୍କର ବିଶାଳ ସାମ୍ରାଜ୍ୟ ଗଢ଼ାଯାଇପାରେ । ଏହାକୁ ପାଥେୟ କରି ମାଫି ଗ୍ଲାମର, ବ୍ୟବସାୟ ଏବଂ କୂଟନୀତିର ବ୍ୟବହାର କରି ଏକ ବିଶାଳ ବିପଜ୍ଜନକ ନେଟୱାର୍କ ସୃଷ୍ଟି କରିଥିଲେ । ତାଙ୍କ ସୋସିଆଲ ମିଡିଆ ଜୀବନ ବିଳାସପୂର୍ଣ୍ଣ ଥିଲା । ସେ ନିଜ ସୁନ୍ଦରତା ବଳରେ ବଡ଼ବଡ଼ ନେତା, ଅଧିକାରୀ ଓ ଇଣ୍ଟେଲିଜେନ୍ସ ସଦସ୍ୟଙ୍କୁ ବସ କରିପାରୁଥିଲେ । ଏପରିକି ବିଭିନ୍ନ ଦେଶକୁ ଯାଇ ଅତି ସହଜରେ ବ୍ୟବସାୟିକ ଡିଲକୁ ରୂପ ଦେଇପାରୁଥିଲେ । ଯୁଦ୍ଧକୁ ପ୍ରୋତ୍ସାହିତ କରୁଥିବା ଏପରି ଏକ କୁଖ୍ୟାତ କାର୍ଯ୍ୟକଳାପକୁ ମାଫି ଯେପରି ଅତି ସହଜରେ କାର୍ଯ୍ୟକାରୀ କରୁଥିଲେ ତାହା ଭବିଷ୍ୟତରେ ଆନ୍ତର୍ଜାତୀୟ ସୁରକ୍ଷା ଏଜେନ୍ସିଗୁଡିକ ପାଇଁ ଏକ ବଡ଼ ଶିକ୍ଷା ହୋଇପାରେ ।

ଗିରଫ ସମୟରେ ମାଫି ଇସ୍ତାନବୁଲକୁ ବିମାନରେ ଯିବାକୁ ଅପେକ୍ଷା କରିଥିଲେ । ଏଫବିଆଇ ଅଧିକାରୀମାନେ ତାଙ୍କୁ ଗିରଫ କରିବା ବେଳେ ତାଙ୍କ ପାଖରୁ ପ୍ରଚୁର ନଗଦ ଟଙ୍କା ଜବତ କରାଯାଇଥିଲା । ପଚରାଉଚରା ସମୟରେ ସେ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ ହେଁ ଏହା ଅଧିକାରୀଙ୍କ ବିଶ୍ୱାସଯୋଗ୍ୟ ହୋଇ ନ ଥିଲା । ଆମେରିକୀୟ ଅଧିକାରୀ କହିଛନ୍ତି, ଏହି ପ୍ରସଙ୍ଗ ଜାତୀୟ ସୁରକ୍ଷା ସହ ଜଡ଼ିତ । କୌଣସି ବୈଧ ଲାଇସେନ୍ସ ବିନା ଏତେ ବଡ ଅସ୍ତ୍ର କାରବାର କରିବା ଏକ ଗୁରୁତର ଅପରାଧ । ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଯଦି କୋର୍ଟରେ ପ୍ରମାଣିତ ହୁଏ ତେବେ ମାଫିଙ୍କୁ ୨୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ ।


**ଗପ ମାଧ୍ୟମରେ ଅନେକ ସମୟରେ ଆଇମାମାନେ ଛୋଟଛୋଟ ପିଲାଙ୍କୁ ଜୀବନର ଅନେକ ନୀତି ଶିକ୍ଷା ପ୍ରଦାନ କରିଥାଆନ୍ତି । ସେହିଭଳି ଏକ ଗଳ୍ପ ହେଲା ସାଧୁ ଓ ବିଛା ଯିଏ ଜୀବନର ଧୈର୍ଯ୍ୟ ସମ୍ପର୍କରେ ପିଲାଙ୍କୁ ବୁଝାଇଥାଏ ।**



# ସାଧୁ ଓ ବିଛା

ଅନେକ ବର୍ଷ ପୂର୍ବେ ଏକ ପବିତ୍ର ନଦୀ କୂଳରେ ଜଣେ ସନ୍ନ୍ୟାସୀ ବାସ କରୁଥିଲେ । ସେ ବହୁତ ଜ୍ଞାନୀ, ଶାନ୍ତ ଏବଂ ଦୟାଳୁ ଥିଲେ । ସେ ସବୁବେଳେ ପ୍ରଭୁଙ୍କ ଧ୍ୟାନରେ ମଗ୍ନ ରହୁଥିଲେ ଏବଂ ଜୀବଜନ୍ତୁଙ୍କୁ ନିଜ ପରି ମଣୁଥିଲେ । ଦିନେ ସକାଳୁ ସାଧୁ ଜଣକ ନଦୀକୁ ସ୍ନାନ କରିବା ପାଇଁ ଯାଇଥିଲେ । ସ୍ନାନ ସାରି ସେ ଯେତେବେଳେ ସୂର୍ଯ୍ୟ ନମସ୍କାର କରୁଥିଲେ, ହଠାତ୍ ତାଙ୍କ ନଜର ପାଣି ଭିତରେ ଥିବା ଏକ ବଡ଼ କଳା ବିଛା ଉପରେ ପଡ଼ିଲା । ବିଛାଟି ପଥର ସନ୍ଧିରୁ ଖସି ପାଣିର ସ୍ରୋତରେ ଭାସିଯାଉଥିଲା । ସେ ନିଜ ଜୀବନ ବଞ୍ଚାଇବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲା ଏବଂ ପାଣିରେ ଛଟପଟ ହେଉଥିଲା । ତା'ର ଏହି ଅବସ୍ଥା ଦେଖି ସାଧୁଙ୍କ ମନରେ ପ୍ରବଳ ଦୟା ଆସିଲା । ସେ ଭାବିଲେ ଜୀବଟି ଅସହାୟ ଭାବେ ମୃତ୍ୟୁ ସହ ଲଢୁଛି, ମୋର କର୍ତ୍ତବ୍ୟ ହେଉଛି ତାକୁ ରକ୍ଷା କରିବା । ସାଧୁ ଜଣକ ସଙ୍ଗେ ସଙ୍ଗେ ପାଣି ଭିତରକୁ ହାତ ବଢ଼ାଇ ବିଛାଟିକୁ ନିଜ ପାପୁଲିରେ ଉଠାଇ ଆଣିଲେ । କିନ୍ତୁ ବିଛାଟି ପାଣିରୁ ବାହାରିବା ମାତ୍ରେ ଭୟ ଓ ନିଜର ସ୍ୱାଭାବିକ ପ୍ରକୃତି ଯୋଗୁଁ ସାଧୁଙ୍କ ହାତକୁ ଏକ ବିଷାକ୍ତ ଦଂଶନ କଲା । ବିଷର ଜ୍ୱାଳାରେ ସାଧୁଙ୍କ ହାତ କମ୍ପିଉଠିଲା ଏବଂ ବିଛାଟି ପୁଣିଥରେ ପାଣିରେ ଖସିପଡ଼ିଲା । ଟିକିଏ ସମୟ ପରେ, ଯନ୍ତ୍ରଣା ସତ୍ତ୍ୱେ ସାଧୁ ପୁଣିଥରେ ହାତ ବଢ଼ାଇଲେ । ସେ ଚାହୁଁଥିଲେ ବିଛାଟି କୂଳକୁ ଆସିଯାଉ, କିନ୍ତୁ ବିଛାଟି ପୁଣିଥରେ ତାଙ୍କୁ କାମୁଡ଼ି ଦେଲା । ଏପରି ଦୁଇ-ତିନି ଥର ହେଲା । ସାଧୁଙ୍କ ହାତ ବିଷ ଜ୍ୱାଳାରେ ନାଲି ପଡ଼ିଯାଇଥିଲା, ତଥାପି ସେ ବିଛାକୁ ବଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ । ନଦୀକୂଳରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି ଏସବୁ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ସେ ନିଜକୁ ଅଟକାଇ ନପାରି କହିଲେ, ଆପଣ କାହିଁକି ବାରମ୍ବାର କଷ୍ଟ ସହି ତାଙ୍କୁ ବଞ୍ଚାଉଛନ୍ତି । ତାକୁ ତା ଭାଗ୍ୟ ଉପରେ ଛାଡି ଦିଅନ୍ତୁ । ସାଧୁ ଜଣକ ଶାନ୍ତ ଭାବରେ ସେହି ବ୍ୟକ୍ତିଙ୍କୁ ଚାହିଁଲେ ଏବଂ ଶାନ୍ତଭାବେ ନିଜ ଉତ୍ତର ରଖିଲେ । କାମୁଡ଼ିବା ହେଉଛି ବିଛାର ପ୍ରାକୃତିକ ଗୁଣ ବା ସ୍ୱଭାବ । ସେ ଜାଣିନାହିଁ ଯେ ମୁଁ ତାକୁ ବଞ୍ଚାଉଛି, ସେ କେବଳ ନିଜକୁ ରକ୍ଷା କରିବା ପାଇଁ ତା'ର ସ୍ୱଭାବ ଦେଖାଉଛି । କିନ୍ତୁ ମୁଁ ଜଣେ ମଣିଷ ଏବଂ ଜଣେ ସାଧୁ । ପରୋପକାର କରିବା ଏବଂ ସବୁ ଜୀବଙ୍କ ପ୍ରତି ଦୟା ଦେଖାଇବା ହେଉଛି ମୋର ଧର୍ମ । ଯଦି ଏହି କୁନି ଜୀବଟି ତା'ର କାମୁଡ଼ିବା ଭଳି ଖରାପ ସ୍ୱଭାବକୁ ଛାଡ଼ିପାରୁ ନାହିଁ, ତେବେ ମୁଁ ଜଣେ ଜ୍ଞାନୀ ହୋଇ ମୋର ଦୟା କରିବା ଭଳି ଭଲ ସ୍ୱଭାବକୁ କାହିଁକି ଛାଡ଼ିଦେବି ବୋଲି ସାଧୁ ଉକ୍ତ ବ୍ୟକ୍ତିଙ୍କୁ ପ୍ରଶ୍ନ କରିଥିଲେ । ଏହା କହି ସାଧୁ ପାଖରେ ପଡ଼ିଥିବା ଗୋଟିଏ ଶୁଖିଲା ପତ୍ର ଉଠାଇଲେ । ଏଥର ସେ ହାତ ବଦଳରେ ପତ୍ରଟିକୁ ବିଛା ପାଖକୁ ନେଲେ । ବିଛାଟି ସେହି ପତ୍ର ଉପରକୁ ଚଢ଼ିଗଲା ଏବଂ ସାଧୁ ତାକୁ ନିରାପଦରେ ନଦୀ କୂଳରେ ଥିବା ଏକ ଗାତ ପାଖରେ ଛାଡ଼ିଦେଲେ । ବିଛାଟି ନିଜ ବାଟରେ ଚାଲିଗଲା ଏବଂ ସାଧୁ ଜଣକ ମଧ୍ୟ ନିଜ ଲକ୍ଷ୍ୟରେ ସଫଳ ହେଲେ । ସେହି ବ୍ୟକ୍ତି ଜଣକ ସାଧୁଙ୍କ ମହାନତା ବୁଝିପାରିଲେ ଏବଂ ତାଙ୍କ ପାଦତଳେ ମୁଣ୍ଡ ନୁଆଁଇଲେ । ତେଣୁ ଅନ୍ୟମାନଙ୍କ ଖରାପ ବ୍ୟବହାର ଯୋଗୁଁ ଆମେ ଆମର ନିଜସ୍ୱ ଭଲ ଗୁଣକୁ କେବେବି ପରିତ୍ୟାଗ କରିବା ଉଚିତ୍ ନୁହେଁ ବୋଲି ଏହି ଗଳ୍ପରୁ ଶିକ୍ଷା ମିଳିଥାଏ ।





# ବର୍ଜ୍ୟରୁ ଯୋଗ୍ୟ

**ଇଚ୍ଛାଥିଲେ ଉପାୟ ବଳେବଳେ ଆସେ ଏହି ଉକ୍ତିଟିକୁ ପ୍ରମାଣିତ କରିଛନ୍ତି ଗୁଜୁରାଟର ଜଣେ ବ୍ୟକ୍ତି । ସେ ଖୁବ କମ ଅର୍ଥ ବିନିଯୋଗରେ ପ୍ରସ୍ତୁତ କରିଛନ୍ତି ସୋଲାର କାର, ଯାହା ଖୁବ ଚର୍ଚ୍ଚାରେ ରହିଛି । ତାଙ୍କର ଏହି ଉଦ୍ଭାବନ ତାଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିଛି ।**

ସୌରଶକ୍ତି କହିଲେ ସାଧାରଣତଃ ଆମେ ବଡ଼ ବଡ଼ ସୋଲାର୍ ଫାର୍ମ କିମ୍ବା ଘର ଛାତରେ ଲାଗିଥିବା ପ୍ୟାନେଲକୁ ବୁଝିଥାଉ। କିନ୍ତୁ ଏହା ହିଁ ହେଉଛି ଉଦ୍ଭାବନର ସୌନ୍ଦର୍ଯ୍ୟ ଯାହା କଳ୍ପନାକୁ ବାସ୍ତବତାରେ ରୂପାନ୍ତରିତ କରିପାରେ। ସେହିଭଳି ଘଟଣା ଘଟିଛି ଗୁଜୁରାଟରେ, ଯେଉଁଠାରେ ସୋଲାର ପ୍ୟାନେଲକୁ ପ୍ରସ୍ତୁତ କରି ଉକ୍ତବ୍ୟକ୍ତି କାର ନିର୍ମାଣ କରିଛନ୍ତି ।

## ବର୍ଜ୍ୟବସ୍ତୁରୁ ସୌର କାର୍

ଗୁଜରାଟର ସାଧୁଲଭାଇ ଚାବଡା ନାମକ ଜଣେ ବ୍ୟକ୍ତି ଅଦରକାରୀ ଭଙ୍ଗା ଜିନିଷ ବା 'ସ୍କ୍ରାପ୍'ରୁ ଏକ ସୌରଶକ୍ତି ଚାଳିତ କାର ଉଦ୍ଭାବନ କରିଛନ୍ତି । ବର୍ଦ୍ଧିତ ତୈଳ ଦର ଏକ ଚିନ୍ତାର ବିଷୟ ହୋଇଥିବାବେଳେ, ଏହି କାରଟି ସୌରଶକ୍ତିରେ ଚାଳିତ ହେଉଛି । ଅଦରକାରୀ ବାଇକ୍ ଅଂଶ, ଲୁହା ଏବଂ ଟାୟାର ବ୍ୟବହାର କରି ଏହି ଗାଡିଟି ନିର୍ମାଣ ହୋଇଛି । ପୁରୁଣା ଇଲେକ୍ଟ୍ରିକ୍ ବାଇକ୍ ଅଂଶ, ସ୍କ୍ରାପ୍ ଲୁହା ଏବଂ ସ୍କୁଟି ଟାୟାର ବ୍ୟବହାର କରି ବ୍ୟକ୍ତିଜଣଙ୍କ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଏହି ଗାଡ଼ିକୁ ପ୍ରସ୍ତୁତ କରିଛନ୍ତି । ପ୍ରତ୍ୟେକ ଅଂଶକୁ ସେ ଅତି ଯତ୍ନର ସହ ନିଜ ଘରେ ଏକାଠି କରି ୱେଲ୍ଡିଂ କରି ଗାଡିଟିକୁ ନିର୍ମାଣ କରିଛନ୍ତି ।

## କାରର କାର୍ଯ୍ୟ ଦକ୍ଷତା

ଏହି କାର୍‌ରେ ଦୁଇଟି ୧୦୦-ୱାଟ୍ ସୋଲାର୍ ପ୍ୟାନେଲ୍ ଲଗାଯାଇଛି, ଯାହା ଗାଡ଼ି ଚାଲୁଥିବା ସମୟରେ ମଧ୍ୟ ବ୍ୟାଟେରୀକୁ ଚାର୍ଜ କରିଥାଏ । ସେହିଭଳି ଥରେ ସମ୍ପୂର୍ଣ୍ଣ ଚାର୍ଜ ହେଲେ ଏହି ଗାଡ଼ି ବିନା କୌଣସି ଇନ୍ଧନ ଖର୍ଚ୍ଚରେ ୫୦-୬୦ କିଲୋମିଟର ପର୍ଯ୍ୟନ୍ତ ବାଟ ଅତିକ୍ରମ କରିପାରୁଛି । ଗ୍ରାମୀଣ ରାସ୍ତା ପାଇଁ ଉଦ୍ଦିଷ୍ଟ ଏହି ତିନି ଚକିଆ ଗାଡ଼ିରେ ଫ୍ୟାନ୍ ଏବଂ ମ୍ୟୁଜିକ୍ ସିଷ୍ଟମ୍ ଭଳି ସୁବିଧା ରହିଛି, ଯାହା ଯାତ୍ରାକୁ ଆରାମଦାୟକ କରେ। ଗାଡିର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ସୂର୍ଯ୍ୟ ଅସ୍ତ ହେବା ପରେ ମଧ୍ୟ ଏଥିରେ ସଂରକ୍ଷିତ ଥିବା ଶକ୍ତି ସାହାଯ୍ୟରେ ଗାଡ଼ିଟି ରାତିରେ ମଧ୍ୟ ଚାଲିପାରୁଛି । ଘଣ୍ଟା ପ୍ରତି ୩୦-୪୦ କିଲୋମିଟର ବେଗରେ ଚାଲୁଥିବା ଏହି ଗାଡ଼ିଟି ମାତ୍ର ୨୫,୦୦୦ ରୁ ୩୦,୦୦୦ ଟଙ୍କା ମଧ୍ୟରେ ନିର୍ମିତ ହୋଇଛି । ଗତ ଚାରି ବର୍ଷ ମଧ୍ୟରେ ଏଥିରେ ମାତ୍ର ଥରେ ବ୍ୟାଟେରୀ ପରିବର୍ତ୍ତନ କରିବାକୁ ପଡ଼ିଛି । ସୋସିଆଲ ମିଡିଆରେ କାରଟି ଖୁବ ଭାଇରାଲ ହେବାରେ ଲାଗିଛି । ବର୍ଯ୍ୟବସ୍ତୁର ଏଭଳି ବ୍ୟବହାରକୁ ସମସ୍ତେ ଖୁବ ପ୍ରଶଂସା କରୁଛନ୍ତି । ବର୍ଯ୍ୟବସ୍ତୁରୁ ଏଭଳି ଦରକାରୀ ସାମଗ୍ରୀ ପ୍ରସ୍ତୁତ ହୋଇପାରିଲେ ଖୁବ ଲାଭଦାୟକ ହେବ ବୋଲି ସୋସିଆଲ ମିଡିଆରେ ସମସ୍ତେ ମତ ପ୍ରକାଶ କରୁଛନ୍ତି ।







# ଅନନ୍ୟ ଅଭିମନ୍ୟୁ

ଅନନ୍ୟ ଅଭିମନ୍ୟୁ । ନିଜର କ୍ରୀଡା ଦକ୍ଷତା ବଳରେ ପଶ୍ଚିମ ଓଡିଶା କ୍ରୀଡାକୁ ଗୌରବାନ୍ୱିତ କରିଛନ୍ତି । କ୍ରୀଡା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ଯେଉଁ କେତେ ଜଣ କ୍ରୀଡାବିତ ନିଜର ନାମକୁ ବଲାଙ୍ଗୀରର ଜିଲ୍ଲା କ୍ରୀଡା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ଅଭିମନ୍ୟୁ ପାଣ୍ଡେ ଅନନ୍ୟ। । ୧୮ ଅଗଷ୍ଟ ୧୯୮୫ ମସିହାରେ ବିଷ୍ଣୁ ମୁଣ୍ଡା ଖଲିଆପାଲି ଗ୍ରାମର ପିତା ବୁଡୁ ପାଣ୍ଡେ ଓ ମାତା ଉପାସୀ ପାଣ୍ଡେଙ୍କ କୋଳ ମଣ୍ଡନ କରିଥିଲେ । ରାମଜୀ ହାଇସ୍କୁଲ କୁରୁଲରେ ପାଠ ପଢିବା ସମୟରେ ଫୁଟବଲ କ୍ରୀଡା ପ୍ରତି ଆକର୍ଷିତ ହୋଇ ଖେଳିବା ଆରମ୍ଭ କରିଥିଲେ।

ଅଭିମନ୍ୟୁଙ୍କ ଫୁଟବଲ ଖେଳର ଯାତ୍ରା ଆରମ୍ଭ ହୁଏ ୧୯୯୯ ମସିହାରେ । ଯେତେବେଳେ ସେ ସ୍ପୋର୍ଟ୍ସ ହଷ୍ଟେଲ, ବଲାଙ୍ଗୀରରେ ଓ ଟାଉନ ହାଇସ୍କୁଲ ବଲାଙ୍ଗୀରରେ ଛାତ୍ର ଥିବା ସମୟରେ ତାଙ୍କ ଫୁଟବଲର ଚମକତା ଚତୁର୍ଦ୍ଦିଗକୁ ମହକିତ କରିଥିଲା । ସେ ସ୍କୁଲରେ ଥିବା ସମୟରେ ତାଙ୍କର ଫୁଟବଲ ଖେଳରେ ଚମତ୍କାର ପ୍ରଦର୍ଶନ ପାଇଁ ଜାତୀୟ ସ୍କୁଲ ଗେମ୍ସ ଫୁଟବଲ ୨୦୦୧ (୧୭ ବର୍ଷରୁ କମ ବାଳକ ବର୍ଗରେ) ଅଶୋକ ନଗର, ପଶ୍ଚିମବଙ୍ଗ ଠାରେ ୧୨ ଡିସେମ୍ବର ୨୦୦୧ ରୁ ୧୭ ଡିସେମ୍ବର ୨୦୦୧ ପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବ ଭାରତୀୟ ସ୍କୁଲ ପ୍ରତିଯୋଗିତାରେ ଟାଉନ ହାଇସ୍କୁଲ ବଲାଙ୍ଗୀର ତରଫରୁ ପ୍ରତିନିଧିତ୍ୱ କରିଥିଲେ । ଅତିରିକ୍ତ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା, ପଶ୍ଚିମବଙ୍ଗଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଫୁଟବଲ ଖେଳ ସହିତ ପାଠକୁ ମଧ୍ୟ ଗୁରୁତ୍ୱ ଦେଇ ୨୦୦୨ ମସିହାରେ ମ୍ୟାଟ୍ରିକୁଲେସନ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିଲେ।

ପୁଣି ୨୦୦୪ ମସିହାରେ ଜମାଲପୁର ଠାରେ ୨୪ମାର୍ଚ୍ଚ ୨୦୦୪ ରୁ ୨୬ ମାର୍ଚ୍ଚ ୨୦୦୪ ପର୍ଯ୍ୟନ୍ତ ଅନୁଷ୍ଠିତ ୧୩ତମ ଜାତୀୟ ଫୁଟବଲ ପ୍ରତିଯୋଗିତା (ପୂର୍ବାଞ୍ଚଳ ତଥା ୨୧ ବର୍ଷରୁ କମ ବାଳକ ବର୍ଗରେ) ଓଡିଶା ଟିମ୍ ତରଫରୁ ପ୍ରତିନିଧିତ୍ୱ କରି ପ୍ରଥମ ସ୍ଥାନ ଅଧିକାର କରି ଓଡିଶାକୁ ଗୌରବାନ୍ୱିତ କରିଥିଲେ। ଏହି ଚାମ୍ପିଅନ ଟ୍ରଫି ପାଇଁ ସେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନର ସଭାପତି ପ୍ରିୟ ରଂଜନ ଦାସ ମୁନସି ଓ ସାଧାରଣ ସମ୍ପାଦକ ଅଲବର୍ଟ କାଲକୋଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଏହି ମୁହୂର୍ତ୍ତ ନିଶ୍ଚିତ ଭାବରେ ତାଙ୍କ ପାଇଁ ଏକ ଅଭୁଲା ମୁହୂର୍ତ୍ତ। ଏହି ଫୁଟବଲ ଯାତ୍ରା ଆଉ ଏକ ପାହାଚ ଯାଇ୨୦୦୫ ମସିହାରେ କଟକ (ଓଡିଶା) ଠାରେ ୨୨ମେ ୨୦୦୫ ରୁ ୩୧ମେ୨୦୦୫ ପର୍ଯ୍ୟନ୍ତ ଅନୁଷ୍ଠିତ ୧୬ତମ ଜାତୀୟ ଫୁଟବଲ ପ୍ରତିଯୋଗିତା (ଏମ୍. ଦତରାୟ ଟ୍ରଫି ପୂର୍ବାଞ୍ଚଳ) ପ୍ରତିଯୋଗିତାରେ ଓଡିଶା ଟିମ୍ ତରଫରୁ ପ୍ରତିନିଧିତ୍ୱ କରିଥିଲେ । ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନ ଦ୍ୱାରା ସମ୍ମାନିତ ହୋଇଥିଲେ। ପ୍ରକାଶ ଥାଉକି ଆଶୀର୍ବାଦ ବେହେରା ପରିଚାଳନା ସମ୍ପାଦକ ଭାବରେ ଏହି ପ୍ରତିଯୋଗିତାର ଆୟୋଜନର ପୁରୋଧା ଥିଲେ। ଅଭିମନ୍ୟୁ ୨୦୦୬ ମସିହାରେ ଏସଏସବିଏମ୍ ଫାଷ୍ଟ ବ୍ୟାଟାଲିୟନ, ସମ୍ବଲପୁରରେ ଯୋଗଦାନ କରି ତାଙ୍କ ଚାକିରି ଜୀବନ ଆରମ୍ଭ କରିଥିଲେ।

୨୦୦୩ ମସିହାରୁ ୨୦୧୩ ମସିହା ପ୍ରାୟ ୧୦ ବର୍ଷ ଧରି ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗୀର ଦ୍ୱାରା ଆୟୋଜିତ ବିଭିନ୍ନ ଜିଲ୍ଲା ସ୍ତରୀୟ ଫୁଟବଲ ଲିଗ୍ ପ୍ରତିଯୋଗିତାରେ ଯୋଗଦାନ କରିଥିଲେ । ପ୍ରାୟ ୮ ବର୍ଷ ଧରି ବଲାଙ୍ଗୀର ଜିଲ୍ଲା ଫୁଟବଲ ଟିମ ତରଫରୁ ପ୍ରତିନିଧିତ୍ୱ କରି ଜିଲ୍ଲା ଫୁଟବଲ ଟିମ୍‌ର କ୍ୟାପଟେନ ଦାୟିତ୍ୱ ମଧ୍ୟ ବହୁ ବର୍ଷ ତୁଲାଇଥିଲେ।

୨୦୧୩ ମସିହାରେ କେରଳ ଓ ଉତ୍ତରପ୍ରଦେଶ ଠାରେ ୦୧ଫେବୃଆରୀ ୨୦୧୩ ରୁ ୩ ମାର୍ଚ୍ଚ ୨୦୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ଯୁଗ୍ମ ୬୭ତମ ସନ୍ତୋଷ ଟ୍ରଫି ଫୁଟବଲ ପ୍ରତିଯୋଗିତାରେ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ନିଜର ଖେଳ ଜୀବନର ଏକ ନୂତନ କୀର୍ତ୍ତିମାନ ସୃଷ୍ଟି କରିପାରିଥିଲେ । ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ, ନୂଆଦିଲ୍ଲୀ, ସଭାପତି ତଥା ସାଧାରଣ ସମ୍ପାଦକୟଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ଏହା ତାଙ୍କର ଜୀବନର ଥିଲା ଏକ ଅଭୁଲା ମୁହୁର୍ତ୍ତ ଏବଂ ଏହା ଆଜି ବି ସେ ମନେ ପକାଇ ଭାବ ବିହ୍ୱଳ ପ୍ରକାଶ କରନ୍ତି। ଏହି ଫୁଟବଲ ଖେଳାଳିଙ୍କ ଫୁଟବଲ ଖେଳ ପାଇଁ ଯୋଗଦାନ ଓଡିଶା ପୋଲିସ ବିଭାଗରେ କାର୍ଯ୍ୟରତ ଥିବା ସମୟରେ ମଧ୍ୟ ଓଡିଶା ପୋଲିସ ଫୁଟବଲ ଟିମ୍ ତରଫରୁ ୨୦୦୭ ରୁ ୨୦୧୯ ମସିହା ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଯୋଗଦାନ କରି ଥିଲେ । ଓଡିଶା ପୋଲିସ ଫୁଟବଲ ଟିମର କ୍ୟାପଟେନ ପଦର ଦାୟିତ୍ୱ ମଧ୍ୟ କିଛି ବର୍ଷ ତୁଲାଇଥିଲେ। ବର୍ତ୍ତମାନ ସେ ଓଡିଶା ପୋଲିସ ବିଭାଗରେ କାର୍ଯ୍ୟରତ ଥାଇ ଓଡିଶା ପୋଲିସ ଫୁଟବଲ ଟିମ୍‌ର ଅତିରିକ୍ତ ପ୍ରଶିକ୍ଷକ ଭାବରେ ଅବସ୍ଥାପିତ ଅଛନ୍ତି। ସେ ଏହି ଫୁଟବଲ ଟିମ୍‌ର ପ୍ରଶିକ୍ଷକ ଦାୟିତ୍ୱ ପାଇଁ ସୁନାମଧନ୍ୟ ଜାତୀୟ ସ୍ତରରେ ମହିଳା ଫୁଟବଲ ଟିମର କୋଚ ମହମ୍ମଦ ସୟଦ ଜବାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କ୍ରୀଡାବିତ ଓଡିଶା ପୋଲିସ ବିଭାଗରେ କାର୍ଯ୍ୟରତ ଥାଇ ମଧ୍ୟ ଫୁଟବଲକୁ ଆଗେଇ ନେବା ପାଇଁ ଯେଉଁ ନିଷ୍ଠାବାନ ପରିଶ୍ରମ କରୁଛନ୍ତି । ସେ ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟର ପାତ୍ର। ସ୍ପୋର୍ଟ ହଷ୍ଟେଲ ବଲାଙ୍ଗୀରରେ ଥାଇ ସ୍କୁଲରେ ପଢିବା ସମୟରେ ହଷ୍ଟେଲର ଫୁଟବଲ କୋଚଶିବ ପ୍ରସାଦ ପଟ୍ଟନାୟକ ତାଙ୍କୁ ଆଗକୁ ଯିବା ପାଇଁ ଯେଉଁ ପ୍ରଶିକ୍ଷଣ ଦେଇଥିଲେ ସେଥି ପାଇଁ ଶିବ ସାରୁଙ୍କ ଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶିବ ଆଜି ଏ ଦୁନିଆରେ ନାହାନ୍ତି କିନ୍ତୁ ସ୍ପୋର୍ଟ୍ସ ହଷ୍ଟେଲ ବଲାଙ୍ଗୀରରେ ଫୁଟବଲ କୋଚ ଥିବା ସମୟରେ ଯେଉଁ ଫୁଟବଲ ପିଢି ତାଙ୍କର ପ୍ରଶିକ୍ଷଣରେ ଗଢିଉଠିଛନ୍ତି । ସେ ନିଶ୍ଚିତ ଭାବରେ ସ୍ମରଣୀୟ ବ୍ୟକ୍ତିତ୍ୱ। ଅଭିମନ୍ୟୁଙ୍କ ଫୁଟବଲ ଖେଳରେ ଯେଉଁ ଖେଳର ଶୈ ଳୀ ଓ ତାଙ୍କର ଉନ୍ନତମାନ ପ୍ରଦର୍ଶନ ପାଇଁ ସେ ଶିବ ବାବୁଙ୍କୁ ପୂର୍ଣ୍ଣ ଭାବରେ ଶ୍ରେୟ ପ୍ରଦାନ



କରନ୍ତି ଓ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରନ୍ତି। ଫୁଟବଲ ଖେଳକୁ ପାଥେୟ କରି ଆଜି ସେ ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ସେଥି୍ ପାଇଁ ତାଙ୍କ ଖଲିଆପାଲି ଗ୍ରାମର ଗ୍ରାମବାସୀ ଏବଂ ଏହା ସଙ୍ଗେ ସଙ୍ଗେ ହରିନାରାୟଣ ପୁଜାରୀ ସାଧାରଣ ସଂପାଦକ, ଜିଲ୍ଲା କ୍ରୀଡା ସଂସଦ, ବଲାଙ୍ଗୀର, ଡା. ସିଦ୍ଧେଶ୍ୱର ମିଶ୍ର, ଅନୁପ କୁମାର ସାଏ, କ୍ରୀଡା ସଂଗଠକ ଓ ହେମନ୍ଦ କୁମାର ବେହେରା, ପୂର୍ବତନ ଫୁଟବଲ ସମ୍ପାଦକ, ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ବନ୍ଧୁମାନେ ଦେଇଥିବା ବିଶେଷ ସହଯୋଗ କୁ ସେ ଭୁଲି ନାହାନ୍ତି ଓ ସେ ସମସ୍ତଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ଫୁଟବଲ ଖେଳ ଆଜି ତାଙ୍କୁ ଯାହା ଦେଇଛି, ସେଥି୍ ପାଇଁ ସେ ଅତି ଭାବ ବିହ୍ୱଳ ହୋଇ ସେହି ଋଣକୁ ପରିଶୋଧ କରିବା ସମୟ ଆସିଛି ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନିଜ ଗ୍ରାମ ଖଲିଆପାଲି ଠାରେ ଗ୍ରାମାଂ‘ଳର କୁନି କୁନି ଫୁଟବଲ ଖେଳାଳିଙ୍କୁ ନେଇ ଏକ ୧୩ ବର୍ଷର କମ୍ ବର୍ଗର ଫୁଟବଲ ଦଳ ଗଠନ କରିବା ପାଇଁ ପରିକଳ୍ପନା କରିଛନ୍ତି। ସେ ନିଜେ ସମୟ ବାହାର କରି ସେହି ଟିମ୍‌କୁ ପ୍ରଶିକ୍ଷଣ ଦେଇ ଜିଲ୍ଲା ସ୍ତରରେ ତଥା ରାଜ୍ୟ ସ୍ତରରେ ଏକ ସଂଗଠିତ ଫୁଟବଲ ଟିମ୍ ଗଢିବା ପାଇଁ ମନସ୍ତ କରିଛନ୍ତି । ଏଥି୍ ପାଇଁ ସେ ତାଙ୍କର ଗ୍ରାମବାସୀଙ୍କ ସହଯୋଗ କାମନା କରିଛନ୍ତି।

ଆଗାମୀ ଦିନରେ ଫୁଟବଲ ଖେଳାଖୀମାନଙ୍କ ପାଇଁ ସେ ପ୍ରକଶ କରନ୍ତି, ସୁସ୍ଥ ରହନ୍ତୁ, କଠିନ ପରିଶ୍ରମ କରନ୍ତୁ ଓ ସାମୁହିକ ଭାବେ ସେମାନେ ନିଷ୍ଠା ଓ ପ୍ରତିଯୋଗିତାର ମନୋଭାବ ନେଇ ପ୍ରତି ଦିନ ସକାଳେ ଓ ସନ୍ଧ୍ୟାରେ ଅଭ୍ୟାସ ନକରନ୍ତି ତାହା ହେଲେ ସେମାନେ କେବେ ହେଲେ ଲକ୍ଷ୍ୟରେ ପହଞ୍ଚି ପାରିବେ ନାହିଁ ଆସନ୍ତୁ ଆମେ ଫୁଟବଲକୁ ଭଲ ପାଇବା ଓ ଏହି ଖେଳକୁ ଆଗେଇ ନେବା। ଆଶା ଆମ ଯୁବ ଫୁଟବଲ କ୍ରୀଡାବିତ ଭବିଷ୍ୟତରେ କ୍ରୀଡା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବେ ।

**-କୃଷ୍ଣଚନ୍ଦ୍ର ମିଶ୍ର-ବଲାଙ୍ଗୀର**




# ଷଡ଼ଯନ୍ତ୍ର ନା ତ୍ରୁଟି

ମ୍ୟାଚ୍ ଚାଲିଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ବେଙ୍ଗାଲୁରୁର ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ର ସୁରକ୍ଷା ନିୟନ୍ତ୍ରଣ କକ୍ଷରେ ପ୍ରବେଶ କରି ପ୍ରାୟ ୨୪୦ରୁ ଅଧିକ ସିସି କ୍ୟାମେରାକୁ ଅକାମୀ କରିଥିଲେ। ଏହାପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୋଲିସ। ସୂଚନା ଅନୁସାରେ ଗତ ଆଇପିଏଲରେ ଅନୁଷ୍ଠିତ ଆର୍‌ସିବି ଓ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ସମୟରେ ଷ୍ଟାଡିୟମ୍‌ର ପ୍ରାୟ ୨୪୦ଟି ସିସି କ୍ୟାମେରା ଅଚଳ ଥିବା ଜଣାପଡ଼ିଥିଲା। ଏହା ପରେ ଷ୍ଟାଡିୟମ୍‌ର ବିଭିନ୍ନ ଅଚଳ ଉପରେ ନିଜର ରଖିବା କିଛି ସମୟ ପାଇଁ ସମ୍ଭବ ହୋଇନଥିଲା। ଏନେଇ ବେଙ୍ଗାଲୁରୁ ପୁଲିସ୍ ମଂଜୁନାଥ ଓ ଅବ୍ଦୁଲ କାଲାମ୍ ନାମକ ଦୁଇ ସଂଦିଗ୍ଧ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ସେମାନେ ବିନା ଅନୁମତିରେ ନିୟନ୍ତ୍ରଣ କକ୍ଷରେ ପ୍ରବେଶ କରି ନେଟ୍‌ଓ୍ୱର୍କ ଭିଡିଓ ରେକର୍ଡର ଓ ଫାଇବର ଅପଟିକ୍ ଲିଙ୍କକୁ କ୍ଷତିଗ୍ରସ୍ତ କରିଥିଲେ। ଏହା ପରେ ଷ୍ଟାଡିୟମସାରା ସିସି କ୍ୟାମେରାଗୁଡ଼ିକ ବନ୍ଦ ହୋଇଯାଇଥିଲା। ମଂଜୁନାଥ କର୍ଣ୍ଣାଟର ବାସିନ୍ଦା ହୋଇଥିବାବେଳେ କାଲାମ ଉତ୍ତରପ୍ରଦେଶର ବାସିନ୍ଦା। ଉଭୟ ଷ୍ଟାଡିୟମର ସୁରକ୍ଷା ନିରୀକ୍ଷଣ ଦାୟିତ୍ୱରେ ଥିବା ଗୁରୁଗ୍ରାମ୍‌ର ଷ୍ଟାକ୍ ଟେକନଲୋଜୀ ନାମକ କମ୍ପାନି ପାଇଁ କାମ କରୁଥିଲେ। କିନ୍ତୁ କମ୍ପାନି ଉପରେ ପ୍ରାୟ ୧୦ ଲକ୍ଷ ଟଙ୍କାର ବକେୟା ଥିବାରୁ ଉଭୟ ଏପରି କରିଥିବା ସ୍ୱୀକାର କରିଛନ୍ତି।

# ବିଶ୍ୱ କୀର୍ତ୍ତିମାନ

କେନିୟା ଧାବକ ସେବାଷ୍ଟିଆନ୍ ସାୱେଙ୍କ ନାମ କ୍ରୀଡ଼ା ଇତିହାସରେ ଲିପିବଦ୍ଧ ହୋଇଯାଇଛି। ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ମାରାଥନ୍ ଅତିକ୍ରମ କରିବାରେ ସେ ବିଶ୍ୱର ପ୍ରଥମ ଧାବକ ହୋଇଛନ୍ତି। ଲଣ୍ଡନ ମାରାଥନ୍‌କୁ ସେ ୧ ଘଣ୍ଟା ୫୯ ମିନିଟ୍ ୩୦ ସେକେଣ୍ଡରେ ଅତିକ୍ରମ କରି ନିଜ ଟାଇଟଲ୍ ବଜାୟ ରଖିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଥିଓପିଆର ୟୋମିଫ୍ କେଜେଲ୍‌ଚା ମଧ୍ୟ ଏହି ମାରାଥନ୍‌କୁ ୧ ଘଣ୍ଟା ୫୯ ମିନିଟ୍ ୪୧ ସେକେଣ୍ଡରେ ପୂରଣ କରିଥିଲେ। ଅର୍ଥାତ୍ ପ୍ରଥମ ଓ ଦ୍ୱିତୀୟ ଧାବକ ମାରାଥନ୍‌କୁ ୨ ଘଣ୍ଟାରୁ କମ ସମୟରେ ପୂରଣ କରିଥିଲେ । ତୃତୀୟ ସ୍ଥାନରେ ରହିଥିବା ଉଗାଣ୍ଡାର ଜାକବ୍ କିପ୍‌ଲିମୋ ୨.୦୦.୨୮ ରେ ମାରାଥନ ଦୂରତ୍ୱ ଅତିକ୍ରମ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ତିନିଜଣ ଧାବକ ୨୦୨୩ରେ କେନିୟାର କେଲ୍‌ଭିନ୍ କିପ୍‌ଟମ୍‌ଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ କୀର୍ତ୍ତିମାନ ( ୨.୦୦.୩୫) ଅତିକ୍ରମ କରିଛନ୍ତି । ରୋଚକ କଥା ହେଉଛି ୨୦୧୯ରେ କେନିୟାର ଏଲ୍ୟୁଡ୍ କିପ୍‌ଚୋଗେ ମଧ୍ୟ ଦୁଇ ଘଣ୍ଟାରୁ କମ ସମୟରେ ( ୧.୫୯.୪୦) ମାରାଥନ ଅକିକ୍ରମ କରିଥିଲେ। କିନ୍ତୁ ତାହାକୁ ବିଶ୍ୱ ରେକର୍ଡ ବୋଲି ଗ୍ରହଣ କରାଯାଇନଥିଲା। କାରଣ ସେ ସ୍ୱତନ୍ତ୍ର ଜୋତା ପିନ୍ଧିଥିଲେ, ତାହା ଏକ ମୁକ୍ତ ପ୍ରତିଯୋଗିତା ନଥିଲା ଓ ମାରାଥନ ପ୍ରତିଯୋଗିତାର ଧାର୍ଯ୍ୟ ନିୟମକୁ ପାଳନ କରାଯାଇନଥିଲା।



## ନିଜର ଅଭିନୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ବର୍ତ୍ତମାନ ନିଜର ଅପକମିଂ ପ୍ରୋଜେକ୍ଟକୁ ନେଇ ଖୁବ ଚର୍ଚ୍ଚାରେ ରହିଛନ୍ତି ।

# ଚୁଲବୁଲି ଚିତ୍ରାଙ୍ଗଦା



ବଲିଉଡର ଅନ୍ୟତମ ପ୍ରତିଭା ସମ୍ପନ୍ନ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂହଙ୍କ କ୍ୟାରିୟର ସଫଳତା, ସଂଘର୍ଷ ଓ ବ୍ୟକ୍ତିଗତ ଜୀବନର କାହାଣୀ ଅନ୍ୟମାନଙ୍କ ପାଇଁ ବେଶ୍ ପ୍ରେରଣାଦାୟୀ । ନିଜର ଭିନ୍ନ ଅଭିନୟ ଶୈଳୀ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ପାଇଁ ଜଣାଶୁଣା ଚିତ୍ରାଙ୍ଗଦାଙ୍କ ବଲିଉଡ୍ ଯାତ୍ରା 'ହଜାରୋଁ ଖ୍ୱାଇସେଁ ଏସି' ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା । ଯେଉଁଥିରେ ତାଙ୍କ ଅଭିନୟକୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ । ତେବେ ଜଣେ ବିବାହିତା ମହିଳା ଓ ମା' ଭାବେ ଗ୍ଲାମର ଜଗତରେ ନିଜକୁ ପ୍ରତିଷ୍ଠିତ କରିବା ତାଙ୍କ ପାଇଁ ଏତେ ସହଜ ନଥିଲା । ବିବାହ ପରେ ଚଳଚ୍ଚିତ୍ର ଦୁନିଆକୁ ଆସିଥିବାରୁ ତାଙ୍କୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିଲା । ଗୋଟିଏ ପଟେ ଗଲ୍ଫର ଜ୍ୟୋତି ରନ୍ଧୱାଙ୍କ ସହ ତାଙ୍କର ଦୀର୍ଘ ଦିନର ବୈବାହିକ ସମ୍ପର୍କ ଭାଙ୍ଗିବା ଓ ଅନ୍ୟପଟେ କ୍ୟାରିୟରରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟ ହାତରୁ ଖସିଯିବା ସତ୍ତ୍ୱେ ସେ କେବେ ହାର୍ ମାନିନାହାଁନ୍ତି । 'ଦେଶୀ ବୟେଜ୍' ଓ 'ବବ୍ ବିଶ୍ୱାସ' ଭଳି ଚଳଚ୍ଚିତ୍ରରେ ନିଜର ଦକ୍ଷତା ପ୍ରମାଣିତ କରିଥିବା ଚିତ୍ରାଙ୍ଗଦା ଏବେ ଏକ ବଡ଼ ପ୍ରୋଜେକ୍ଟରେ କମବ୍ୟାକ କରୁଛନ୍ତି । ଚିତ୍ରାଙ୍ଗଦା ନିଜର ଆଗାମୀ ବଡ଼ ବଜେଟ୍ ପ୍ରୋଜେକ୍ଟରେ ପ୍ରଥମ କରି ସୁପରଷ୍ଟାର୍ ସଲମାନ ଖାନଙ୍କ ବିପକ୍ଷରେ ନଜର ଆସିବେ, ଯାହାକୁ ନେଇ ତାଙ୍କ ଫ୍ୟାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହି ପ୍ରୋଜେକ୍ଟ ତାଙ୍କ କ୍ୟାରିୟର ପାଇଁ ଏକ ନୂଆ ମୋଡ଼ ବୋଲି ଆଲୋଚନା ହେଉଛି । ଅଭିନୟ ବ୍ୟତୀତ ପ୍ରଯୋଜନା କ୍ଷେତ୍ରରେ ମଧ୍ୟ ରୁଚି ରଖୁଥିବା ଏହି ଅଭିନେତ୍ରୀ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ବଲିଉଡରେ ଏବେବି ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛନ୍ତି ।